# ଦ୍ୱିତୀୟ ଭାଗ

## ଦ୍ରବ୍ୟ ଓ ସେବା ଟିକସ ଉପଦେଷ୍ଟା ପରିଷଦର ମୁଖ୍ୟ ନିଷ୍ପତ୍ତିଗୁଡିକ

# ଅଧ୍ୟାୟ ୧

## ଉପକ୍ରମଣିକା

ବିଗତ ପାଞ୍ଚ ଦଶନ୍ଧି ଧରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଭାରତୀୟ ଅର୍ଥନୀତିର ଏକ ସକ୍ରିୟ ଓ ଗତିଶୀଳ କ୍ଷେତ୍ର ଭାବରେ ଉଭା ହୋଇଛି । କୃଷି କ୍ଷେତ୍ର ପରେ ତୁଳନାତ୍ମକ ଭାବରେ କମ ପୁଞ୍ଜି ନିବେଶରେ ଉଦ୍ୟମିତାକୁ ପୃଷ୍ଠପୋଷକତା ଦେଇ ଏବଂ ସବୁଠୁ ବେଶୀ ରୋଜଗାର ଅବସର ପ୍ରଦାନ କରି ଏହା ଦେଶର ଆର୍ଥିକ ଏବଂ ସାମାଜିକ ଉନ୍ନତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ସହାୟକ ଏକକ ହିସାବରେ ବଡ ବଡ ଶିଳ୍ପଗୁଡ଼ିକର ପରିପୂରକ ଅଟନ୍ତି ଏବଂ ଏହି କ୍ଷେତ୍ର ଦେଶର ସମବେଶୀ ଔଦ୍ୟୋଗିକ ବିକାଶ ପାଇଁ ବଡ ଯୋଗଦାନ ଦେଇଥାଏ । କୌଳିକ ଦକ୍ଷତା ଏବଂ ବୈଷୟିକ ଜ୍ଞାନକୌଶଳର ସମ୍ମିଶ୍ରଣ ମାଧ୍ୟମରେ ଏହି କ୍ଷେତ୍ର ରୋଜଗାର ସୃଜନ ଏବଂ ଗ୍ରାମ୍ୟ ଶିଳ୍ପାୟନରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଘରୋଇ ଏବଂ ଆନ୍ତର୍ଜାତିକ ବଜାରର ଚାହିଦାକୁ ମେଣ୍ଟାଇବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ପ୍ରକାରର ବସ୍ତୁ ଓ ସେବା ପ୍ରସ୍ତୁତ କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟ ପରିସର ବୃଦ୍ଧି କରିବାରେ ଲାଗିଛନ୍ତି ।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ନିକଟରେ ଉପଲବ୍ଧ ସୂଚନା ଅନୁସାରେ, ଆମ ଦେଶରେ ବିନିର୍ମାଣ, ସେବା ଏବଂ ବ୍ୟବସାୟ କ୍ଷେତ୍ରରେ ଛଅ କୋଟି ୩୦ ଲକ୍ଷରୁ ଅଧିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଛି ଯାହା ମଧ୍ୟରୁ ଅର୍ଦ୍ଧାଧିକ ଗ୍ରାମାଞ୍ଚଳରେ ଅଛି । ୨୦୧୫-୧୬ରେ ଅନୁଷ୍ଠିତ ଜାତୀୟ ନମୁନା ସର୍ବେକ୍ଷଣର ୭୩ତମ ପରିଦର୍ଶନ ଅନୁସାରେ ଏହି ଉଦ୍ୟୋଗଗୁଡିକ ପ୍ରାୟ ଏକ କୋଟି ୧୦ ଲକ୍ଷ ରୋଜଗାର ଦେଇଥାନ୍ତି ଓ ଦେଶର ଅର୍ଥନୈତିକ ଉତ୍ପାଦନରେ ପ୍ରାୟ ୨୯ % ଯୋଗଦାନ ଦେଇଥାନ୍ତି । ରୋଜଗାର ସୃଜନ ଏବଂ ଅର୍ଥନୀତିର ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ଭୂମିକା ଏହି କ୍ଷେତ୍ରକୁ ଏକ ଅଗ୍ରାଧିକାର କ୍ଷେତ୍ର ହିସାବରେ ବିବେଚନା କରି କିପରି ସେମାନେ ସହଜରେ ବ୍ୟବସାୟ କରିବେ ଓ ନିୟମଗୁଡିକୁ ମାନିବେ, ସେଥିପାଇଁ ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ପ୍ରବର୍ତ୍ତାଇ ଥାଏ ।

ଏ ସବୁକୁ ସ୍ୱୀକୃତି ଦେଇ, ଏହି କ୍ଷେତ୍ରକୁ ଜିଏସଟି ଆଇନ, ପଦ୍ଧତି ଓ ଟିକସ ହାରରେ ରିହାତି ଦେବା ପ୍ରାଥମିକତା ହୋଇଆସିଛି । ଏହି ପରିପ୍ରେକ୍ଷୀରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହିତ ପାଇଁ ଏ ପର୍ଯ୍ୟନ୍ତ ବସ୍ତୁ ଓ

ସେବା ଟିକସ ଉପଦେଷ୍ଟା ପରିଷଦ ଦ୍ୱାରା ବିଭିନ୍ନ ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ନିଷ୍ପତ୍ତିଗୁଡିକ ନିମ୍ନରେ ସବିଶେଷ ଆଲୋଚନା କରାଗଲା ।

୨୦୧୮ ଅଗଷ୍ଟ ୪ ତାରିଖରେ ଅନୁଷ୍ଠିତ ୨୯ତମ ବୈଠକରେ , ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ଅନେକ ଗୁଡିଏ ପଦକ୍ଷେପ ନେଲେ ଯାହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ଅନୁପାଳନ ଭାରକୁ ବିଶେଷ ଭାବରେ ସହଜ କଲା । ଏହି ବୈଠକର ମୁଖ୍ୟ ନିଷ୍ପତ୍ତିଗୁଡିକ ମଧ୍ୟରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଗୋଟେ ମନ୍ତ୍ରୀ ଗୋଷ୍ଠୀ ଗଠନ କରିବା ପାଇଁ ସ୍ଥିର ହେଲା ଯାହା ବିଭିନ୍ନ ହିତଧାରକମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ସମ୍ପର୍କିତ ନିବେଦନ ଓ ପ୍ରସ୍ତାବଗୁଡିକ ଉପରେ ଆଇନ କମିଟି, ଫିଟମେଣ୍ଟ କମିଟି ଏବଂ ସୂଚନା ପ୍ରଯୁକ୍ତି କମିଟିର ସୁପାରିସଗୁଡ଼ିକୁ ଅଧ୍ୟୟନ କରିବା ପରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ବିକାଶ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟିକରିବା ପାଇଁ ପଦକ୍ଷେପଗୁଡିକୁ ଚିହ୍ନଟ କରିବେ ।

## ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର କାର୍ଯ୍ୟକଳାପ

| | |
|---|---|
| ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ଅନୁଷ୍ଠିତ ବୈଠକ ସଂଖ୍ୟା | ୩୫ |
| ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ବୈଠକଗୁଡିକରେ ଲଗାଯାଇଥିବା କାର୍ଯ୍ୟ ଘଣ୍ଟା (Man-Hour) | ୨୫୨୦୦ |
| ଅଧିକାରୀମାନଙ୍କ ଦ୍ୱାରା ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ବୈଠକ ଏବଂ ଅଧିକାରୀମାନଙ୍କ ବୈଠକଗୁଡିକରେ ଲଗାଯାଇଥିବା କାର୍ଯ୍ୟ ଘଣ୍ଟା (Man-Hour) | ୨୮୦୦୦ |

ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ୩୫ତମ ବୈଠକ ପର୍ଯ୍ୟନ୍ତ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହିତ ପାଇଁ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ୨୦୧୯ ଜାନୁୟାରୀ ୧୦ ତାରିଖରେ ଅନୁଷ୍ଠିତ ତାଙ୍କର ୩୨ତମ ବୈଠକରେ, ଅନ୍ୟାନ୍ୟ ନିଷ୍ପତ୍ତି ସହିତ, ନିମ୍ନଲିଖିତ ନିଷ୍ପତ୍ତିମାନ ନେଇଥିଲେ ଯାହା କି ତା ୦୧-୪-୨୦୧୯ ରିଖଠାରୁ ଲାଗୁ କରାଯାଇଛି ।

- ଜିଏସଟି ପଞ୍ଜୀକରଣ ଏବଂ ପଇଠରୁ ବାଦ ଦେବା ଉଦ୍ଦେଶ୍ୟରେ ସେବାଯୋଗାଣକାରୀମାନଙ୍କ ପାଇଁ ମୋଟ ବିକ୍ରିର ସର୍ବନିମ୍ନ ସୀମା ୨୦ ଲକ୍ଷ ଟଙ୍କା ରଖାଯାଇଛି । ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ତ୍ରିପୁରା ରାଜ୍ୟ ପାଇଁ ଏହି ସୀମା ୧୦ ଲକ୍ଷ ଟଙ୍କା ଅଟେ ।
- ଜିଏସଟି ପଞ୍ଜୀକରଣ ଏବଂ ପଇଠରୁ ବାଦ ଦେବା ଉଦ୍ଦେଶ୍ୟରେ ଦ୍ରବ୍ୟଯୋଗାଣକାରୀମାନଙ୍କ ପାଇଁ ମୋଟ ବିକ୍ରିର ସର୍ବନିମ୍ନ ସୀମା ୪୦ ଲକ୍ଷ ଟଙ୍କା ରଖାଯାଇଛି । ତା ୦୧-୪-୨୦୧୯ ରିଖ ଠାରୁ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରି, ସିକ୍କିମ, ତେଲେଙ୍ଗାନା, ତ୍ରିପୁରା ଏବଂ ଉତ୍ତରାଖଣ୍ଡ ରାଜ୍ୟ ପାଇଁ ଏହି ସୀମା ୨୦ ଲକ୍ଷ ଟଙ୍କା ହେବ ।
- ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିବା ସ୍ୱତନ୍ତ୍ର ପାହ୍ୟା (ଜମ୍ମୁ ଏବଂ କାଶ୍ମୀରକୁ ଛାଡି) ରାଜ୍ୟର ହସ୍ତଶିଳ୍ପ ଯୋଗାଣକାରୀ ଏବଂ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆନ୍ତଃ ରାଜ୍ୟ ଯୋଗାଣ ଓ ସାମୟିକ ଟିକସଦାତା ହିସାବରେ ଯୋଗାଣ କରୁଥିବା ଅନ୍ୟାନ୍ୟ ରାଜ୍ୟର ହସ୍ତଶିଳ୍ପ ଯୋଗାଣକାରୀମାନଙ୍କୁ ଜିଏସଟି ଅଧୀନରେ ପଞ୍ଜୀକରଣ କରିବାର ନିୟମରୁ ବାଦ ଦିଆଯାଇଛି ।
- ଇ-ବାଣିଜ୍ୟ ସଞ୍ଚାଳକ ମାଧ୍ୟମରେ ଯୋଗାଣ କରୁଥିବା ବ୍ୟକ୍ତିଙ୍କୁ ମିଶାଇ ଯେଉଁ ସେବା ଯୋଗାଣକାରୀ ଆନ୍ତଃ ରାଜ୍ୟ ଯୋଗାଣ କରୁଥିବେ ଏବଂ ଯାହାଙ୍କର ମୋଟ ବାର୍ଷିକ ବିକ୍ରି ୨୦ ଲକ୍ଷ ଟଙ୍କାରୁ ଅଧିକ ହେଉ ନ ଥିବ, ସେମାନଙ୍କୁ ଜିଏସଟି ଅଧୀନରେ ପଞ୍ଜୀକରଣ କରିବାର ନିୟମରୁ ବାଦ ଦିଆଯାଇଛି ।
- ଟିକସଯୋଗ୍ୟ ବ୍ୟକ୍ତିମାନେ ଯିଏ କି ସ୍ୱେଚ୍ଛାକୃତ ପଞ୍ଜୀକରଣ କରେଇଥିବେ, ସେମାନେ ଚାହିଁଲେ ପଞ୍ଜିକରଣ ଲାଗୁ ହେବା ତାରିଖଠାରୁ ଏକ ବର୍ଷ ମଧ୍ୟରେ ପଞ୍ଜୀକରଣ ରଦ୍ଦ ପାଇଁ ଆବେଦନ କରିପାରିବେ ।
- ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ୨୮ତମ ବୈଠକରେ , ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ କେନ୍ଦ୍ର ଜିଏସଟି ଆଇନ, ୨୦୧୭ ଏବଂ ସମନ୍ୱିତ ଜିଏସଟି ଆଇନ, ୨୦୧୭ରେ କେତେକ ସଂଶୋଧନ ପାଇଁ ସୁପାରିସ କଲେ ଯାହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ସହାୟକ ହେବ ।

ଏହି ମର୍ମରେ କରାଯାଇଥିବା ପ୍ରମୁଖ ସୁପାରିସଗୁଡ଼ିକ ନିମ୍ନରେ ଦିଆଗଲା :

(କ) ଆସାମ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ମେଘାଳୟ, ସିକ୍କିମ ଏବଂ ଉତ୍ତରାଖଣ୍ଡ ରାଜ୍ୟମାନଙ୍କ ପାଇଁ ପଞ୍ଜୀକରଣ ନିମନ୍ତେ ସର୍ବନିମ୍ନ ରିହାତି ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବଢାଇ ଦିଆଗଲା ।

(ଖ) ଏକା ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ ବ୍ୟବସାୟ ପାଇଁ ଏକାଧିକ ପଞ୍ଜୀକରଣ କରିବା ପାଇଁ ଟିକସଦାତାଙ୍କୁ ବିକଳ୍ପ ପ୍ରଦାନ

(ଗ) ବାଧ୍ୟତାମୂଳକ ପଞ୍ଜୀକରଣ ସେହି ଇ-ବାଣିଜ୍ୟ ସଞ୍ଚାଳକମାନଙ୍କ ପାଇଁ ଆବଶ୍ୟକ ହେବ ଯେଉଁମାନଙ୍କୁ କେନ୍ଦ୍ର ଜିଏସଟି ଆଇନ, ୨୦୧୭ର ୫୨ ଧାରା ଅନୁସାରେ ଉତ୍ସରେ ଟିକସ ସଂଗ୍ରହ କରିବାକୁ ପଡିଥାଏ ।

(ଘ) ପଞ୍ଜୀକରଣ ରଦ୍ଦ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲୁଥିବା ଅବସ୍ଥାରେ ପଞ୍ଜିକରଣର ସାମୟିକ ନିଲମ୍ବନ ପାଇଁ ଅନୁମତି ଦିଆଯାଇପାରିବ ।

ଉପରୋକ୍ତ ସଂଶୋଧନଗୁଡିକ ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ତା 01-2-2019 ରିଖଠାରୁ ଲାଗୁ ହୋଇଛି ।

## ଟିକସ ପୃଷ୍ଠଭୂମି

| | |
|---|---|
| ନୂଆ ପଞ୍ଜୀକରଣ ସଂଖ୍ୟା | ୧,୨୨,୪୭,୬୨୯ |
| ପ୍ରବାସୀ ଟିକସଦାତାଙ୍କ ସଂଖ୍ୟା | ୫୮,୪୮,୩୭୫ |
| ମିଶ୍ର ବ୍ୟବସାୟୀଙ୍କ ସଂଖ୍ୟା | ୧୭,୫୫,୮୩୨ |
| ପାଞ୍ଚ କୋଟି ଟଙ୍କାରୁ କମ ବିକ୍ରି ଥିବା ଟିକସଦାତାଙ୍କ ଶତକଡା ଭାଗ | ୯୩ % |

- ତା ୧୫-୬-୨୦୧୯ ରଖ ସୁଦ୍ଧା

# ଅଧ୍ୟାୟ ୨

## ମିଶ୍ର ଯୋଜନା

୨୦୧୭ ଜୁନ ୧୧ ତାରିଖରେ ଅନୁଷ୍ଠିତ ୧୬ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ ମିଶ୍ର ଯୋଜନା ( ଉତ୍ପାଦନକାରୀ, ରେଷ୍ଟୁରାଣ୍ଟ ଓ ବ୍ୟବସାୟୀଙ୍କ ପାଇଁ ଜିଏସଟି ଦେୟ ଯଥାକ୍ରମେ ୨ %, ୫ % ଏବଂ ୧ %) ପାଇଁ ଯୋଗ୍ୟ ସମସ୍ତ ଟିକସଦାତାଙ୍କ ନିମନ୍ତେ ବାର୍ଷିକ ବିକ୍ରିର ସର୍ବନିମ୍ନ ସୀମା ୫୦ ଲକ୍ଷ ଟଙ୍କାରୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା।

- ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ୨୦୧୭ ଜୁନ ୧୦ ତାରିଖରେ ଅନୁଷ୍ଠିତ ତାଙ୍କର ୨୨ତମ ବୈଠକରେ ମିଶ୍ର ଯୋଜନାରେ ଯୋଗ୍ୟ ହେବା ପାଇଁ 27ଟି ରାଜ୍ୟ (ଜମ୍ମୁ ଓ କାଶ୍ମୀର ଏବଂ ଉତ୍ତରାଖଣ୍ଡ ସମେତ) ନିମନ୍ତେ ମୋଟ ବାର୍ଷିକ ବିକ୍ରି ସୀମାକୁ ୭୫ ଲକ୍ଷ ଟଙ୍କାରୁ ଏକ କୋଟି ଟଙ୍କା ; ଜମ୍ମୁ ଓ କାଶ୍ମୀର ଏବଂ ଉତ୍ତରାଖଣ୍ଡକୁ ବାଦ ଦେଇ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ [ସମ୍ବିଧାନର ଧାରା ୨୭୯(କ)ର ଦଫା (୪) ର ଉପ ଦଫା (ଛ)ରେ ବର୍ଣ୍ଣିତ)] ନିମନ୍ତେ ୫୦ ଲକ୍ଷ ଟଙ୍କାରୁ ୭୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ସ୍ଥିର କଲେ । ତା ୧୩-୧୦-୨୦୧୭ ରିଖ ର ବିଜ୍ଞପ୍ତି ସଂଖ୍ୟା ୪୬/୨୦୧୭ –କେନ୍ଦ୍ରୀୟ ଟିକସ ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।
- ମିଶ୍ର ଯୋଜନା ପାଇଁ ଯୋଗ୍ୟ ଜଣେ ବ୍ୟକ୍ତି ଯିଏ କି ସୁଧ ବା ମୂଲ୍ୟରେ ରିହାତି ବଦଳରେ ଜମା, ଋଣ କିମ୍ବା ଅଗ୍ରୀମ ଦେବା ସେବାକୁ ମିଶାଇ ଛାଡ ସେବା ଯୋଗାଣ କରୁଥିବେ, ସେ ମିଶ୍ର ଯୋଜନା ପାଇଁ ଯୋଗ୍ୟ ହେବେ ନାହିଁ । ପୁନଃ, ଏହି ଯୋଜନା ପାଇଁ ଯୋଗ୍ୟତା ନିମନ୍ତେ ମୋଟ ବିକ୍ରି ହିସାବ କରିବା ସମୟରେ, ସୁଧ ବା ମୂଲ୍ୟରେ ରିହାତି ବଦଳରେ ଜମା, ଋଣ କିମ୍ବା ଅଗ୍ରୀମ ଦେବା ସେବାକୁ ମିଶାଇ ଟିକସଦାତା ଯୋଗାଉଥିବା ଛାଡ ସେବା ଯୋଗାଣର ବିକ୍ରି ଅନ୍ତର୍ଭୁକ୍ତ ହେବ ନାହିଁ । ତା ୧୩-୧୦-୨୦୧୭ ରିଖ ର ଆଦେଶ ସଂଖ୍ୟା ୦୧/୨୦୧୭ –କେନ୍ଦ୍ରୀୟ ଟିକସ ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।
- ପୁନଶ୍ଚ, ତା ୧୦-୧୧-୨୦୧୭ ରିଖରେ ଅନୁଷ୍ଠିତ ୨୩ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ ଉତ୍ପାଦନକାରୀ ଏବଂ ବ୍ୟବସାୟୀମାନଙ୍କ ଦ୍ୱାରା ( ବ୍ୟବସାୟୀଙ୍କ ପାଇଁ କେବଳ ଟିକସଯୋଗ୍ୟ ବସ୍ତୁର ଯୋଗାଣ ବିକ୍ରି ବୋଲି ବିବେଚନା କରାଯିବ) ୨୦୧୮ ଜାନୁୟାରୀ ୧ ତାରିଖଠାରୁ ମିଶ୍ର ଯୋଜନା ଅନ୍ତର୍ଗତ ଏକକ ଟିକସ ହାର ହିସାବରେ ୧ % (କେନ୍ଦ୍ରୀୟ ଜିଏସଟି ଅନ୍ତର୍ଗତ ୦.୫

% ଏବଂ ରାଜ୍ୟ ଜିଏସଟି ଅନ୍ତର୍ଗତ ୦.୫ %) ଦେୟ ହେବ (ରେଷ୍ଟୁରାଣ୍ଟ, ଯେଉଁଠି ୫ % ହାରରେ ଟିକସ ଲାଗେ, ଏହି ଯୋଜନାରେ ତାଙ୍କ ପାଇଁ ଟିକସ ହାରରେ କୌଣସି ପରିବର୍ତ୍ତନ ନାହିଁ) । ତା ୧-୧-୨୦୧୮ ରିଖ ର ବିଜ୍ଞପ୍ତି ସଂଖ୍ୟା ୧/୨୦୧୮ –କେନ୍ଦ୍ରୀୟ ଟିକସ ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

- ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ୨୮ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ମିଶ୍ର ଯୋଜନା ଚୟନ କରିବା ପାଇଁ ବିକ୍ରିର ଉପର ସୀମା ଏକ କୋଟି ଟଙ୍କାରୁ ଦେଢ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ସୁପାରିସ କରିଛନ୍ତି । ପୁନଶ୍ଚ, ମିଶ୍ର ବ୍ୟବସାୟୀମାନଙ୍କୁ ଗତ ଆର୍ଥିକ ବର୍ଷର ବିକ୍ରିର ୧୦ %ରୁ କିମ୍ବା ପାଞ୍ଚ ଲକ୍ଷ ଟଙ୍କା, ଯେଉଁଟି ଅଧିକ, ସେତିକି ମୂଲ୍ୟର ସେବା (ରେଷ୍ଟୁରାଣ୍ଟ ସେବାକୁ ବାଦ ଦେଇ) ଯୋଗାଣ କରିବା ପାଇଁ ଅନୁମତି ମିଳିବ । ଏହି ବ୍ୟବସ୍ଥା ତା ୦୧-୨-୧୦୧୯ ରିଖଠାରୁ କେନ୍ଦ୍ରୀୟ ଜିଏସଟି (ସଂଶୋଧନ) ଆଇନ, ୨୦୧୮ ଦ୍ୱାରା ନିୟମରେ ଅନ୍ତର୍ଭୁକ୍ତ କରାଯାଇଛି ।
- ତା ୧୦-୧-୨୦୧୯ ରିଖରେ ଅନୁଷ୍ଠିତ ୩୨ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ମିଶ୍ର ଯୋଜନାରେ ସାମିଲ ହେବା ପାଇଁ ବସ୍ତୁ ଯୋଗାଣକାରୀଙ୍କ ନିମନ୍ତେ ପୂର୍ବ ବର୍ଷର ବାର୍ଷିକ ବିକ୍ରିର ସୀମା ଦେଢ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଏବଂ ଉତ୍ତରାଖଣ୍ଡ ପାଇଁ ଏହି ସୀମା ୭୫ ଲକ୍ଷ ଟଙ୍କା ହେବ । ମିଶ୍ର ଯୋଜନା ଅନ୍ତର୍ଗତ ଅନୁପାଳନକୁ ସରଳୀକରଣ କରାଯାଇଛି ଯେ ହେତୁ ସେମାନେ ତ୍ରୈମାସିକ ଟିକସ ଦେୟ କରି କେବଳ ଗୋଟିଏ ବାର୍ଷିକ ରିଟର୍ନ ଦାଖଲ କରିବେ (ଗୋଟିଏ ସରଳ ଘୋଷଣାନାମା ସହିତ) । ତା ୧-୪-୨୦୧୯ ରିଖର ବିଜ୍ଞପ୍ତି ସଂଖ୍ୟା ୧୪/୨୦୧୯ –କେନ୍ଦ୍ରୀୟ ଟିକସ ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।
- ପୂର୍ବ ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବିକ୍ରି ଥିବା ସେବା ଯୋଗାଣକାରୀମାନଙ୍କ (ଯେଉଁମାନେ ବର୍ତ୍ତମାନ ଉପଲବ୍ଧ ମିଶ୍ର ଯୋଜନା ପାଇଁ ଯୋଗ୍ୟ ନୁହନ୍ତି) ପାଇଁ ୬ % ଟିକସ ହାର (କେନ୍ଦ୍ରୀୟ ଜିଏସଟି ୩ % + ରାଜ୍ୟ ଜିଏସଟି) ସହ ଗୋଟିଏ ମିଶ୍ର ଯୋଜନା ଉପଲବ୍ଧ କରାଯାଇଛି । ସେମାନେ ଆଇନତଃ ତ୍ରୈମାସିକ ଟିକସ ଦେୟ କରି କେବଳ ଗୋଟିଏ ବାର୍ଷିକ ରିଟର୍ନ ଦାଖଲ କରିବେ (ଗୋଟିଏ ସରଳ ଘୋଷଣାନାମା ସହିତ) । ତା ୧-୪-୨୦୧୯ ରିଖର ବିଜ୍ଞପ୍ତି ସଂଖ୍ୟା ୨/୨୦୧୯ –କେନ୍ଦ୍ରୀୟ ଟିକସ (ହାର) ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।
- ମିଶ୍ର ଯୋଜନା ଅନ୍ତର୍ଗତ ଟିକସଦାତାମାନଙ୍କୁ ତ୍ରୈମାସିକ ଭିତ୍ତିରେ ଆତ୍ମ-ନିରୂପିତ ଟିକସ ତ୍ରୈମାସର ପରବର୍ତ୍ତୀ ମାସର ୧୮ ତାରିଖ ଭିତରେ ଏବଂ ପୂର୍ବ ବର୍ଷ ପାଇଁ ଗୋଟିଏ ରିଟର୍ନ ଅପ୍ରେଲ ୩୦ ତାରିଖ ଭିତରେ

ଦାଖଲ କରିବା ପାଇଁ ଅନୁମତି ଦିଆଯାଇଛି ।   ତା ୧-୪-୨୦୧୯ ରିଖର ବିଜ୍ଞପ୍ତି ସଂଖ୍ୟା ୨୦/୨୦୧୯ – କେନ୍ଦ୍ରୀୟ ଟିକସ  ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

# ଅଧ୍ୟାୟ ୩

# ରିଟର୍ନ ଦାଖଲ

ତା ୧୦-୧୧-୨୦୧୭ ରିଖରେ ଅନୁଷ୍ଠିତ ୨୩ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ସ୍ଥିର କଲେ ଯେ ପୂର୍ବ ବର୍ଷରେ ଦେଢ କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବିକ୍ରି ଥିବା ଟିକସଦାତା ତ୍ରୈମାସିକ ରିଟର୍ନ ଦାଖଲ କରିବାର ବିକଳ୍ପ ଚୟନ କରିପାରିବେ । ତା ୧୫-୧୧-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୫୭/୨୦୧୭–କେନ୍ଦ୍ରୀୟ ଟିକସ ଜାରି ହେବା ଦ୍ଵାରା ଏହା ଲାଗୁ ହୋଇ ସାରିଛି ।

- ପୂର୍ବ ଆର୍ଥିକ ବର୍ଷରେ ପାଞ୍ଚ କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବିକ୍ରି ଥିବା ଟିକସଦାତାଙ୍କୁ ତ୍ରୈମାସିକ ରିଟର୍ନ ଦାଖଲ କରିବା ପାଇଁ ବିକଳ୍ପ ଦେବା ନିମନ୍ତେ ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ୨୮ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ଜିଏସଟି ଆଇନରେ ସଂଶୋଧନ ଆଣିବା ପାଇଁ ସୁପାରିସ କଲେ । ପୁନଶ୍ଚ: ଗୋଟେ ନୂଆ ଏବଂ ସରଳ ରିଟର୍ନ ଦାଖଲ ପଦ୍ଧତି ଚାଲୁ କରିବା ପାଇଁ ଆଇନରେ ବ୍ୟବସ୍ଥା ହେବ । ପ୍ରସ୍ତାବିତ ନୂଆ ରିଟର୍ନ ଦାଖଲ ପଦ୍ଧତି ୨୦୧୯ ଅକ୍ଟୋବରରୁ ଅଲଗା ଅଲଗା ତାରିଖରୁ (ଷ୍ଟାଗର୍ଡ ମ୍ୟାନର) ଚାଲୁ କରାଯିବ ।
- ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୧୦-୧-୨୦୧୯ ରିଖରେ ଅନୁଷ୍ଠିତ ତାଙ୍କର ୩୨ତମ ବୈଠକରେ ସ୍ଥିର କଲେ ଯେ ମିଶ୍ର ଯୋଜନାରେ ଅନୁପାଳନକୁ ସରଳୀକରଣ କରାଯିବ ଯେ ହେତୁ ବର୍ତ୍ତମାନ ସେମାନେ ଗୋଟିଏ ବାର୍ଷିକ ରିଟର୍ନ ଦାଖଲ କରିବେ (ଗୋଟିଏ ସରଳ ଘୋଷଣାନାମା ସହିତ) କିନ୍ତୁ ଟିକସ ଦେୟ ତ୍ରୈମାସିକ ରହିବ । ତା ୨୩-୪-୨୦୧୯ ରିଖର ବିଜ୍ଞପ୍ତି ସଂଖ୍ୟା ୨୧/୨୦୧୯–କେନ୍ଦ୍ରୀୟ ଟିକସ ଦ୍ଵାରା ତାହା ଲାଗୁ ହୋଇ ସାରିଛି ।

## ଡେରିରେ ରିଟର୍ନ ଦାଖଲ ପାଇଁ ଲାଗୁଥିବା ବିଳମ୍ବ ଶୁଳ୍କରେ ରିହାତି

ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୧୦-୧୧-୨୦୧୭ ରିଖରେ ଅନୁଷ୍ଠିତ ତାଙ୍କର ୨୩ତମ ବୈଠକରେ ଜିଏସଟିଆର-୩ଖ ଫାରମରେ ଡେରିରେ ରିଟର୍ନ ଦାଖଲ ଯୋଗୁ ପ୍ରତିଦିନ ଲାଗୁଥିବା ବିଳମ୍ବ ଶୁଳ୍କ 200 ଟଙ୍କାରୁ କମ କରେଇଲେ (ତା ୧୫-୧୧-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୬୪/୨୦୧୭-କେନ୍ଦ୍ରୀୟ

ଟିକସ) । ୨୦୧୭ ଅକ୍ଟୋବର ଠାରୁ ଜଣେ ଟିକସଦାତା ଯାହାଙ୍କର କୌଣସି ମାସରେ ଟିକସ ଦେୟ ଶୂନ୍ୟ ଥାଏ, ତେବେ ସେ ପ୍ରତିଦିନ ୨୦ ଟଙ୍କା ହିସାବରେ (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୧୦ ଟଙ୍କା ପ୍ରତ୍ୟେକ ପାଇଁ), ପ୍ରତ୍ୟେକ ଆଇନ ପାଇଁ ଅତି ବେଶୀରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ, ବିଳମ୍ବିତ ଶୁଳ୍କ ଦେବା ପାଇଁ ଆଇନତଃ ଦାୟୀ ରହିବେ । ଅନ୍ୟ ସମସ୍ତ କ୍ଷେତ୍ରରେ, ଅନ୍ୟ ଟିକସଦାତାଙ୍କ ଦ୍ୱାରା ଜିଏସଟିଆର-୩ଖ ଫାରମରେ ଡେରିରେ ରିଟର୍ନ ଦାଖଲ ଯୋଗୁ ଲାଗୁଥିବା ବିଳମ୍ବ ଶୁଳ୍କ ରାଶି ଦେୟ ଦିନକ ପ୍ରତି ୫୦ ଟଙ୍କାକୁ (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୨୫ ଟଙ୍କା ପ୍ରତ୍ୟେକ ପାଇଁ), ପ୍ରତ୍ୟେକ ଆଇନ ପାଇଁ ଅତି ବେଶୀରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ, ୨୦୧୭ ଅକ୍ଟୋବର ଠାରୁ କମାଇ ଦିଆ ଯାଇଛି ।

- ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୧୮-୧-୨୦୧୮ ରିଖରେ ଅନୁଷ୍ଠିତ ତାଙ୍କର ୨୫ତମ ବୈଠକରେ ଜିଏସଟିଆର-୧ (ଯୋଗାଣ ବିବରଣୀ) ଜମା ଦେବାରେ ଖିଲାପ କଲେ କୌଣସି ପଞ୍ଜୀକୃତ ବ୍ୟକ୍ତିଙ୍କ ଦ୍ୱାରା ଦେୟ ହେବାକୁ ଥିବା ବିଳମ୍ବ ଶୁଳ୍କ ରାଶି ଦିନକ ପ୍ରତି ୫୦ ଟଙ୍କାକୁ (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୨୫ ଟଙ୍କା ପ୍ରତ୍ୟେକ ପାଇଁ) ଏବଂ ଶୂନ୍ୟ ଦାଖଲକାରୀଙ୍କ ପାଇଁ ଦିନକ ପ୍ରତି ୨୦ ଟଙ୍କାକୁ (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୧୦ ଟଙ୍କା ପ୍ରତ୍ୟେକ ପାଇଁ), ହ୍ରାସ କଲେ ।
- ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନେ ୨୦୧୭ ଜୁଲାଇରୁ ୨୦୧୮ ସେପ୍ଟେମ୍ବର ମାସ/ତ୍ରୈମାସ ପାଇଁ ଧାର୍ଯ୍ୟ ତାରିଖ ସୁଦ୍ଧା ଜିଏସଟିଆର - ୧ ଫାରମରେ ବହିର୍ଗାମୀ ଯୋଗାଣର ବିବରଣୀ ପ୍ରଦାନ କରିବାରେ ବିଫଳ ହେଲେ, କିନ୍ତୁ ସେହି ବିବରଣୀ ଜିଏସଟିଆର - ୧ ଫାରମରେ ତା ୨୨-୧୨-୨୦୧୮ ରିଖ ଓ ତା ୩୧-୩-୨୦୧୯ ରିଖ ମଧ୍ୟରେ ପ୍ରଦାନ କଲେ, ଉପରୋକ୍ତ ଆଇନର ୪୭ ଧାରା ଅନ୍ତର୍ଗତ ଦେୟ ହେଉଥିବା ବିଳମ୍ବ ଶୁଳ୍କ ପୁରା ଛାଡ କରାଗଲା । ତା ୩୧-୧୨-୨୦୧୮ ରିଖର ବିଜ୍ଞପ୍ତି ସଂଖ୍ୟା ୭୫/୨୦୧୮–କେନ୍ଦ୍ରୀୟ ଟିକସ ଦ୍ୱାରା ଏହା ଲାଗୁ ହୋଇ ସାରିଛି ।
- ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନେ ୨୦୧୭ ଜୁଲାଇରୁ ୨୦୧୮ ସେପ୍ଟେମ୍ବର ମାସ/ତ୍ରୈମାସ ପାଇଁ ଧାର୍ଯ୍ୟ ତାରିଖ ସୁଦ୍ଧା ଜିଏସଟିଆର – ୩ଖ ଫାରମରେ ବହିର୍ଗାମୀ ଯୋଗାଣର ବିବରଣୀ ପ୍ରଦାନ ବିଫଳ ହେଲେ, କିନ୍ତୁ ସେହି ବିବରଣୀ ଜିଏସଟିଆର – ୩ଖ ଫାରମରେ ତା ୨୨-୧୨-୨୦୧୮ ରିଖ ଓ ତା ୩୧-୩-୨୦୧୯ ରିଖ ମଧ୍ୟରେ ପ୍ରଦାନ କଲେ, ଉପରୋକ୍ତ ଆଇନର ୪୭ ଧାରା ଅନ୍ତର୍ଗତ ଦେୟ ହେଉଥିବା ବିଳମ୍ବ ଶୁଳ୍କ ପୁରା ଛାଡ

କରାଗଲା । ତା ୩୧-୧୨-୨୦୧୮ ରିଖର ବିଜ୍ଞପ୍ତି ସଂଖ୍ୟା ୭୬/୨୦୧୮–କେନ୍ଦ୍ରୀୟ ଟିକସ ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

# ଅଧ୍ୟାୟ ୪

# ନିବେଶ ଟିକସ ଜମାରାଶି କାର୍ଯ୍ୟପରିସର

ନିବେଶ ଟିକସ ଜମାରାଶିର କାର୍ଯ୍ୟପରିସରକୁ ବ୍ୟାପକ କରାଯାଇଛି ଏବଂ ନିମ୍ନଲିଖିତ ବିଷୟ ପାଇଁ ଉପଲବ୍ଧ ଅଛି ।

୧) ଲୋକମାନଙ୍କ ପରିବହନ ଲାଗି ଉଦ୍ଦିଷ୍ଟ ଡ୍ରାଇଭରକୁ ଛାଡି ୧୩ ଜଣ ବସିବା ପାଇଁ ଧାରଣ ଶକ୍ତି ଥିବା ମୋଟରଯାନ, ପାଣିଯାନ ଏବଂ ବାୟୁଯାନ, ଯେତେବେଳେ ଏଗୁଡିକ କେବଳ ସେହି ମୋଟରଯାନଗୁଡିକର ପରିବର୍ଦ୍ଧନ, ଯାତ୍ରୀମାନଙ୍କର ପୁନଃ ପରିବହନ, ଯାତ୍ରୀମାନଙ୍କୁ ନେଇ ମୋଟରଯାନ ଚଳେଇବା/ପାଣି ଯାନ ଚଳେଇବା କିମ୍ବା ଉଡାଜାହାଜ ଉଡେଇବା ଉପରେ ପ୍ରଶିକ୍ଷଣ ଦେବା ପାଇଁ ବ୍ୟବହୃତ ହେଉଥିବ,

୨) ସାଧାରଣ ବୀମା, (୧)ରେ ଉଲ୍ଲିଖିତ ମୋଟରଯାନ, ପାଣିଯାନ ଓ ବାୟୁଯାନଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ସେବା, ଯଦି ସେଗୁଡିକ ସେଥିରେ ବର୍ଣ୍ଣିତ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୁଏ, ଏବଂ ଯେତେବେଳେ ନିଯୁକ୍ତ ଟିକସଯୋଗ୍ୟ ବ୍ୟକ୍ତି ଦ୍ୱାରା ଗ୍ରହଣ କରାଯାଏ, ତେବେ ତା ଉପରେ ମଧ୍ୟ ଜମାରାଶି ଉପଲବ୍ଧ ହୁଏ ।

୩) ପ୍ରଚଳିତ କୌଣସି ଆଇନ ଅନ୍ତର୍ଗତ କର୍ମଚାରୀମାନଙ୍କୁ ଯୋଗାଇ ଦେଉଥିବା ବସ୍ତୁ ଓ ସେବା, ଯାହା ଜଣେ ନିଯୁକ୍ତିଦାତା ପାଇଁ ଆଇନତଃ ବାଧ୍ୟତାମୂଳକ ଅଟେ।

କେନ୍ଦ୍ରୀୟ ବସ୍ତୁ ଓ ସେବା ଟିକସ (ସଂଶୋଧନ) ଆଇନ, ୨୦୧୮ ବିଧେୟକ ଅନୁମୋଦନ ହେବାପରେ ଏହି ପଦକ୍ଷେପଗୁଡିକ ତା ୦୧-୦୨-୨୦୧୯ ରଖ ଠାରୁ ଲାଗୁ ହୋଇଛି । ୨. ଟିକସଦାତାଙ୍କ ସୁବିଧା ପାଇଁ, ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବିଲ କିମ୍ବା ଡେବିଟ ନୋଟ ଉପରେ ନିବେଶ ଟିକସ ଜମାରାଶି ପାଇବା ନିମନ୍ତେ ଧାର୍ଯ୍ୟ ତାରିଖ ବଢେଇ ପ୍ରତିବନ୍ଧକ ଅପସାରଣ ଆଦେଶ ଜାରି କରାଗଲା ।

# ଅଧ୍ୟାୟ ୫

# ରପ୍ତାନି

ବିଦେଶ ତଥା ଦେଶ ଭିତରୁ ନିବେଶ ଆଦି ଆଣିବା ପାଇଁ ଅଗ୍ରୀମ କ୍ଷମତାପତ୍ର/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁ/୧୦୦ % ରପ୍ତାନିମୁଖୀ ସଂସ୍ଥା ଯୋଜନା ଆରମ୍ଭ କରା ହୋଇଛି । ଅଗ୍ରୀମ କ୍ଷମତାପତ୍ରଧାରୀ/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁଧାରୀ /୧୦୦ % ରପ୍ତାନିମୁଖୀ ସଂସ୍ଥା ଆମଦାନୀ ଉପରେ ସମନ୍ୱିତ ଜିଏସଟି, ସେସ ଆଦି ଦେବାର ଆବଶ୍ୟକତା ନ ଥାଏ । ପୁନଶ୍ଚ, କ୍ଷମତାପତ୍ରଧାରୀ/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁଧାରୀ /୧୦୦ % ରପ୍ତାନିମୁଖୀ ସଂସ୍ଥାକୁ ଘରୋଇ ଯୋଗାଣ କେନ୍ଦ୍ରୀୟ ଜିଏସଟି/ରାଜ୍ୟ ଜିଏସଟିର ୧୪୭ ଧାରା ଅନୁସାରେ ଡିମ୍ଡ଼ ରପ୍ତାନି ବୋଲି ବିବେଚନା କରାଯାଏ ଏବଂ ଏଭଳି ଯୋଗାଣ ଉପରେ ଦିଆଯାଇଥିବା ଟିକସ ଯୋଗାଣକାରୀ କିମ୍ବା ଗ୍ରହିତା, ଯାହାକୁ ହେଲେ ଜଣକୁ, ଫେରସ୍ତ ଦିଆଯାଏ ।

**ବସ୍ତୁ ଓ ସେବା ଟିକସ ଫେରସ୍ତ ନିକାଶ**

| ଫେରସ୍ତ | ଦାବି ସଂଖ୍ୟା | ୨୦୧୭ ଜୁଲାଇ ରୁ ୨୦୧୯ ମେ ପର୍ଯ୍ୟନ୍ତ (କୋଟି ଟଙ୍କାରେ) |
|---|---|---|
| ମୋଟ ଫେରସ୍ତ (କେନ୍ଦ୍ରୀୟ ଜିଏସଟି +ରାଜ୍ୟ ଜିଏସଟି + କେନ୍ଦ୍ର ଶାସିତ ଅଞ୍ଚଳ ଜିଏସଟି + ସେସ + ସମନ୍ୱିତ ଜିଏସଟି | ୨୫,୭୪,୪୫୨ | ୧,୫୪,୮୨୮ |

ତା ୨୩-୬-୨୦୧୯ ରିଖ ସୁଦ୍ଧା

- ଜଣେ ପଞ୍ଜୀକୃତ ଯୋଗାଣକାରୀଙ୍କ ଦ୍ୱାରା ଜଣେ ବଣିକ ରପ୍ତାନିକାରୀଙ୍କୁ ରପ୍ତାନି ପାଇଁ ଟିକସଯୋଗ୍ୟ ବସ୍ତୁର ଯୋଗାଣ ମୋଟ ୦.୧ % ହାରରେ ଜିଏସଟି ଆକୃଷ୍ଟ କରିବ ଯାହା ଦ୍ୱାରା ରପ୍ତାନିକାରୀମାନଙ୍କର ଚଳନ୍ତି ପୁଞ୍ଜି ଅବରୁଦ୍ଧ କମ ହୋଇଥାଏ ।
- ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ତାଙ୍କର ୨୮ତମ ବୈଠକରେ, ଅନେକ ମଧ୍ୟରୁ, ସୁପାରିସ କଲେ :

  (କ) ସେବା ଯୋଗାଣ ରପ୍ତାନି ପାଇଁ ଯୋଗ୍ୟତା ହାସଲ କରିବା, ଯଦିଓ ଭାରତୀୟ ମୁଦ୍ରାରେ ପ୍ରାପ୍ୟ ଗ୍ରହଣ କରାଯାଏ, ଯେଉଠି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁମତି ପ୍ରଦାନ କରାଯାଇଥିବ ;

  (ଖ) ଅସ୍ଥାୟୀ ଭାବେ ଭାରତକୁ ଆମଦାନୀ କରାହୋଇଥିବା ବସ୍ତୁ ଉପରେ କୌଣସି ଉପଚାର ବା ପ୍ରଶଂସୀକରଣ ପାଇଁ ଠିକା କାମ କରିବା ଏବଂ ପରେ, ଭାରତରେ ତାର ଅନ୍ୟକୌଣସି ବ୍ୟବହାର ନ କରି ଭାରତ ବାହାରକୁ ରପ୍ତାନି  କରିବା କ୍ଷେତ୍ରରେ ଯୋଗାଣର ସ୍ଥାନ

  ଏହି ସଂଶୋଧନଗୁଡିକ ଜିଏସଟି ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ତା ୦୧-୨-୨୦୧୯ରୁ ଲାଗୁ ହୋଇ ସାରିଛି ।
- ଫେରସ୍ତ ଦରଖାସ୍ତ ଦାଖଲ କରିବା ସମୟରେ ଜିଏସଟି –ଆରଏଫଡ଼ି -୦୧କ ଫାରମରେ ଫେରସ୍ତ ପାଇଁ ଦାବି ସମ୍ବନ୍ଧିତ ସମସ୍ତ ସହାୟକ କାଗଜପତ୍ର/ବିଲଗୁଡିକ ସାଧାରଣ ପୋର୍ଟାଲରେ ପ୍ରବିଷ୍ଟ ହେବ ଯାହାଦ୍ୱାରା ଜଣେ ଟିକସଦାତାଙ୍କୁ ବ୍ୟକ୍ତିଗତ ଭାବେ ଫେରସ୍ତ ଦରଖାସ୍ତ ଦେବା ପାଇଁ ଟିକସ କାର୍ଯ୍ୟାଳୟକୁ ଯିବାର ଅବଶ୍ୟକତାକୁ ଏଡାଇ ଦିଆଯାଇପାରିବ ।

# ଅଧ୍ୟାୟ ୬

# ଟିକସ ପଇଠ

ବସ୍ତୁର ଯୋଗାଣ କରୁଥିବା ପଞ୍ଜୀକୃତ ବ୍ୟକ୍ତି ବିଲ ଜାରି କରିବା ସମୟରେ ଟିକସ ପଇଠ କରିବା ଆବଶ୍ୟକ ; ଯେତେବେଳେ ଅଗ୍ରୀମ ଗ୍ରହଣ କରାଯାଏ, ସେତେବେଳେ ନୁହେଁ ।   ତା ୧୫-୧୧-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୬୬/୨୦୧୭–କେନ୍ଦ୍ରୀୟ ଟିକସ  ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

ନିର୍ଦ୍ଦିଷ୍ଟ ପ୍ରକାରର ବସ୍ତୁ ବା ସେବା ବା ଉଭୟ ନିମନ୍ତେ ପାଲଟା ଚାର୍ଜ ଅଧୀନରେ ଟିକସ ଦେବା ପାଇଁ ଦାୟୀ ଗୋଟିଏ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଅଧିସୂଚିତ କରିବା ନିମନ୍ତେ ସରକାରଙ୍କୁ ଅଧିକୃତ କରିବା ପାଇଁ କେନ୍ଦ୍ରୀୟ ଜିଏସଟି ଆଇନ, ୨୦୧୭ର ଧାରା ୯ ର ଉପଧାରା ୪ ଏବଂ ସମନ୍ୱିତ ଜିଏସଟି ଆଇନ, ୨୦୧୭ର ଧାରା ୫ ର ଉପଧାରା ୪ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜିଏସଟି ଆଇନ, ୨୦୧୭ର ଧାରା ୭ର ଉପଧାରା ୪ ଅଧୀନରେ ଥିବା ପାଲଟା ଚାର୍ଜ ପଦ୍ଧତି ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକ ସଂଶୋଧନ କରାଯାଇଅଛି । ଏହି ବ୍ୟବସ୍ଥା ନିମନ୍ତେ କୌଣସି ଅଧିସୂଚନା ଏ ପର୍ଯ୍ୟନ୍ତ ଜାରି କରାଯାଇ ନାହିଁ ।

# ଅଧ୍ୟାୟ ୭

# ବିବିଧ ପରିବର୍ତ୍ତନ

ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ତାଙ୍କର ୨୮ତମ ବୈଠକରେ କେନ୍ଦ୍ରୀୟ ଜିଏସଟି ଆଇନ, ୨୦୧୭ ଏବଂ ସମନ୍ୱିତ ଜିଏସଟି ଆଇନ, ୨୦୧୭ରେ ନିମ୍ନଲିଖିତ ସଂଶୋଧନଗୁଡିକ ଆଣିବା ପାଇଁ ସୁପାରିସ କଲେ ଯେଉଁ  ବାଣିଜ୍ୟ ଉପଯୋଗୀ ପଦକ୍ଷେପଗୁଡିକ ଅଣୁ, କ୍ଷୁଦ୍ର ଓ ମଧ୍ୟମ କ୍ଷେତ୍ରର ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ;

- ଗୋଟିଏ ଆର୍ଥିକ ବର୍ଷରେ ଜାରି କରାଯାଇଥିବା ଏକାଧିକ ବିଲ ନିମନ୍ତେ ପଞ୍ଜୀକୃତ ବ୍ୟକ୍ତିମାନଙ୍କୁ  ସମଷ୍ଟିଭୁକ୍ତ କ୍ରେଡିଟ/ଡେବିଟ ନୋଟ ଜାରି କରିବା ପାଇଁ ଅନୁମତି ପ୍ରଦାନ କରାଯିବ ।
- ଠିକା କାମରେ ନିବେଶ ଓ ପୁଞ୍ଜି ଫେରସ୍ତ ପାଇଁ ଯଥାକ୍ରମେ ଏକ ବର୍ଷ ଏବଂ ଦୁଇ ବର୍ଷ ପର୍ଯ୍ୟନ୍ତ ସମୟ ସୀମା ବଢେଇବା ପାଇଁ କମିଶନରଙ୍କୁ ଅଧିକୃତ କରାଯିବ ।
- କେନ୍ଦ୍ରୀୟ ଜିଏସଟି ଆଇନ, ୨୦୧୭ ଅଧୀନରେ ଆପିଲେଟ ଅଥରିଟୀ ଓ ଆପିଲେଟ ଟ୍ରିବୁନାଲ ସମକ୍ଷରେ ଅପିଲ ଦାୟର କରିବା ନିମନ୍ତେ ଅଗ୍ରୀମ ଜମା ରାଶି  ଦେୟର ଉପର ସୀମା ଯଥାକ୍ରମେ ୨୫ କୋଟି ଟଙ୍କା ଏବଂ ୫୦ କୋଟି ଟଙ୍କା ହେବ ।

  ଏହି ପଦକ୍ଷେପଗୁଡିକ ତା ୦୧-୨-୨୦୧୯ ରିଖଠାରୁ ଲାଗୁ ହୋଇ ସାରିଛି ।

# ଅଧ୍ୟାୟ ୮

# ହସ୍ତଶିଳ୍ପ ଉପରେ ବସ୍ତୁ ଓ ସେବା ଟିକସ

ତା ୦୯-୯-୨୦୧୭ ରିଖରେ ଅନୁଷ୍ଠିତ ତାଙ୍କର ୨୧ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ, ହସ୍ତଶିଳ୍ପ ସାମଗ୍ରୀ ନିମନ୍ତେ ନିମ୍ନଲିଖିତ ପରିବର୍ତ୍ତନ କରାଗଲା ।

- ସ୍ୱତନ୍ତ୍ର ପାହ୍ୟା ରାଜ୍ୟ (ଜମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡି) ପାଇଁ ବାର୍ଷିକ ୧୦ ଲକ୍ଷ  ଟଙ୍କା ପର୍ଯ୍ୟନ୍ତ ବିକ୍ରି ଥିବା ଏବଂ ଅନ୍ୟ ରାଜ୍ୟ ନିମନ୍ତେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାମୟିକ ଟିକସଯୋଗ୍ୟ ବ୍ୟକ୍ତି ଭାବରେ ଅନ୍ତଃ ରାଜ୍ୟ ଯୋଗାଣ କରୁଥିବା ହସ୍ତଶିଳ୍ପ ସାମଗ୍ରୀର ଯୋଗାଣକାରୀମାନଙ୍କୁ ପଞ୍ଜିକରଣରୁ ଛାଡ
- ନିମ୍ନୋକ୍ତ ବସ୍ତୁଗୁଡିକ ପାଇଁ ବସ୍ତୁ ଓ ସେବା ଟିକସ ହାର ୨୮ % ରୁ ୧୨ % କୁ ହ୍ରାସ କରାଗଲା :
  - ମୂର୍ତ୍ତି, କ୍ଷୁଦ୍ର ପ୍ରତିମୂର୍ତ୍ତି, ପାଦପୀଠ, ସମତଳ ପୃଷ୍ଠରୁ ଉଦ୍ଗତ ଉଚ୍ଚ ବା ନିଚ୍ଚ ମାନଚିତ୍ର, କୃଶ ଆକୃତିର ପଦକ, ପ୍ରାଣୀମାନଙ୍କ ପ୍ରତିକୃତି, ଗିନା, ଫୁଲଦାନି, କପ, କଚୌଡି ଡବା, ଲିଖନ ସାମଗ୍ରୀ, ଭସ୍ମ ଦାନୀ, କାଗଜ ଚପା ବସ୍ତୁ, କୃତ୍ରିମ ଫଳ ଏବଂ ପତ୍ରଗୁଛ ଇତ୍ୟାଦି; ମୂଳତଃ ପଥର ନିର୍ମିତ୍ତ ସାଜସଜା ବସ୍ତୁ
  - ପଥର କଲମକାରୀ କାମ
  - ହାତୀ ଦାନ୍ତ କାମ, ଅସ୍ଥି, କଇଞ୍ଛ ଖୋଳପା, ଶିଙ୍ଗ, ମୃଗ ଶିଙ୍ଗ, ପ୍ରବାଳ, ଶାମୁକା, ଅନ୍ୟାନ୍ୟ ପ୍ରାଣୀଜ ଖୋଦେଇ ବସ୍ତୁ ଏବଂ ଏହି ସବୁ ଜିନିଷରୁ ତିଆରି ବସ୍ତୁ ( ଢଳେଇ ଦ୍ୱାରା ପ୍ରସ୍ତୁତ ବସ୍ତୁକୁ ମିଶାଇ)
  - ପାତ୍ର, ଜାର୍ ଏବଂ ଜିନିଷ ନେବା ଓ ରଖିବା ପାଇଁ ଚୀନା ମାଟିର ସେହିଭଳିଆ ବସ୍ତୁ
  - ମେଜ ଉପରେ ରହୁଥିବା ରେକାବି, ଚାମଚ ଆଦିର ସେଟ , ରୋଷେଇଘର ସରଞ୍ଜାମ/ବାସନକୁସନ, ଅନ୍ୟ ଘରକରଣା ବସ୍ତୁ ଏବଂ ପୋର୍ସେଲିନ ଓ ଚୀନାମାଟି ବସ୍ତୁ ଛାଡି ଗାଧୁଆଘର ସାମଗ୍ରୀ (ସାବୁନ ଦାନି, ସ୍ପଞ୍ଜ ବାସ୍କେଟ, ଦାନ୍ତଘଷା ବ୍ରସ ଧାରକ, ତଉଲିଆ ହୁକ

ଏବଂ ଶୌଚାଳୟ କାଗଜ ଧାରକ ଆଦି ଛୋଟମୋଟ ଗାଧୁଆଘର ଓ ପରିମଳ ସାଜସରଂଜାମ)

- ବେତ ଏବଂ ରତନ ଆସବାବପତ୍ର ଉପରେ ଜିଏସଟି ହାର ୨୮ % ରୁ ୧୮ % କୁ ହ୍ରାସ କରାଗଲା ।
- କାଗଜରେ ନିର୍ମିତ କଳାକୃତି ଉପରେ ଜିଏସଟି ହାର ୧୮ % ରୁ ୫ % କୁ ହ୍ରାସ କରାଗଲା ।

▪ ନିମ୍ନୋକ୍ତ ବସ୍ତୁଗୁଡିକ ପାଇଁ ବସ୍ତୁ ଓ ସେବା ଟିକସ ହାର ୧୮ % ରୁ ୧୨ % କୁ ହ୍ରାସ କରାଗଲା :

➢ କାଚ ମୂର୍ତ୍ତି

➢ କାଠରେ ନିର୍ମିତ ରେକାବି, ଚାମଚ ଆଦିର ସେଟ ଓ ରୋଷେଇଘର ସରଞ୍ଜାମ

➢ କାଠରେ ଖୋଦେଇ ହୋଇଥିବା ବସ୍ତୁ ଯଥା ବାକ୍ସ, କଲମକାରୀ ପେଡି/ସିନ୍ଦୁକ, ପିଂପା ଇତ୍ୟାଦି

➢ ଘଣ୍ଟି, ପିଟା ଘଣ୍ଟା ଏବଂ ସେହି ଭଳିଆ ଅନ୍ୟ ଧାତବ ବସ୍ତୁ,, ଧାତୁରୁ ତିଆରି କ୍ଷୁଦ୍ର ପ୍ରତିମୂର୍ତ୍ତି ଏବଂ ଅନ୍ୟାନ୍ୟ ଅଳଙ୍କାର, ଧାତୁରୁ ତିଆରି ଫଟୋ, ଛବି ବା ସେହିଭଳି ଫ୍ରେମ, ଧାତବ ଉପାଦାନରେ ତିଆରି ଅଇନା, ଧାତବ ବିଦାରି କାରୁକାର୍ଯ୍ୟ

▪ ଧୂପବତୀ, ଧୂପ, ସମ୍ବ୍ରାନୀ ଏବଂ ଅନ୍ୟ ସେହିଭଳିଆ ସାମଗ୍ରୀ, ଘାସ, ପତ୍ର, ସରକଣ୍ଡା ଏବଂ ତନ୍ତୁରୁ ଉତ୍ପନ୍ନ ସାମଗ୍ରୀ,  ଯଥା ମସିଣା, ଥଳି, ବଟୁଆ ଇତ୍ୟାଦି ଉପରେ ବସ୍ତୁ ଓ ସେବା ଟିକସ ହାର ୧୨ % ରୁ ୫ % କୁ ହ୍ରାସ କରାଗଲା :

ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ତାଙ୍କର ୨୮ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ, ହସ୍ତଶିଳ୍ପ ସାମଗ୍ରୀ ନିମନ୍ତେ ନିମ୍ନଲିଖିତ ପରିବର୍ତ୍ତନ କରାଗଲା ।

▪ ନିମ୍ନୋକ୍ତ ବସ୍ତୁଗୁଡିକ ପାଇଁ ବସ୍ତୁ ଓ ସେବା ଟିକସ ହାର ୧୮ % ରୁ ୧୨ % କୁ ହ୍ରାସ କରାଯାଇଛି :

✓ ହାତବ୍ୟାଗ (ଥଳି, ବଟୁଆ ଅନ୍ତର୍ଭୁକ୍ତ); ଗହଣା ବାକ୍ସ

✓ ଚିତ୍ରକଳା, ଫଟୋ, ଅଇନା ପାଇଁ କାଠ ଫ୍ରେମ

✓ ସୋଲ ଠିପିର କଳାକୃତି, (ସୋଲପୀଠ ସାମଗ୍ରୀ ଅନ୍ତର୍ଭୁକ୍ତ)

✓ ପଥର କଳାକୃତି, ପଥର କଲମକାରୀ କାମ

✓ କଲମକାରୀ ହୋଇଥିବା ଫ୍ରେମରେ ଥିବା ଅଇନା

✓ କାଚର ମୂର୍ତ୍ତି (ସ୍ଫଟିକରେ ତିଆରି ହୋଇଥିବା ମୂର୍ତ୍ତିକୁ ଛାଡି)

- ✓ କାଚର କଳାକୃତି (ପାତ୍ର, ଜାର୍, ପ୍ରତୀକାତ୍ମକ ଖେଳଣା ବା ମୂର୍ତ୍ତି,, ପିଂପା, କେକ କଭର, ଟୁଲିପ ବୋତଲ, ଫୁଲଦାନି ଅନ୍ତର୍ଭୁକ୍ତ)
- ✓ ଲୁହାର କଳାକୃତି
- ✓ ପିତ୍ତଳ, ତମ୍ବା/ତମ୍ବା ମିଶ୍ରିତ, ନିକେଲ/ରୂପା ପାଣି ଦିଆ ବିଦ୍ୟୁତ ସଂଜାତ
- ✓ ଆଲୁମିନିୟମ କଳାକୃତି
- ✓ କଲମକାରୀ ବତୀ/ଲଣ୍ଠନ (ପଞ୍ଚଲୋକ ବତୀ/ଲଣ୍ଠନ ଅନ୍ତର୍ଭୁକ୍ତ)
- ✓ ପରିବା କିମ୍ବା ଖଣିଜ ଖୋଦେଇ କାମ, ସେଥିରୁ ପ୍ରସ୍ତୁତ ସାମଗ୍ରୀ, ଜଉ, ଷ୍ଟିଅରିନ, ପ୍ରାକୃତିକ ଅଠା ବା ପ୍ରାକୃତିକ ରେସିନ ବା ମଡେଲିଙ୍ଗ ଅଠା ଇତ୍ୟାଦିରୁ  ପ୍ରସ୍ତୁତ ସାମଗ୍ରୀ, (ଲାଖ, ସେଲାକ ସାମଗ୍ରୀ ଅନ୍ତର୍ଭୁକ୍ତ)
- ✓ ଗଞ୍ଜିଫା କାର୍ଡ

▪ ନିମ୍ନୋକ୍ତ ବସ୍ତୁଗୁଡିକ ପାଇଁ ବସ୍ତୁ ଓ ସେବା ଟିକସ ହାର ୧୨ % ରୁ ୫ % କୁ ହ୍ରାସ କରାଗଲା :

- ✓ ହାତବୁଣା ଗାଲିଚା ଏବଂ ଅନ୍ୟାନ୍ୟ ହାତ ତିଆରି ତନ୍ତୁରେ ନିର୍ମିତ ମେଜିଆ ଢାଙ୍କିବା ସାମଗ୍ରୀ (ନମଦା/ଗଦ୍ଦା ଗାଲିଚା ଅନ୍ତର୍ଭୁକ୍ତ)
- ✓ ହାତ ତିଆରି ଫିତା
- ✓ ହାତ ବୁଣା ଚିତ୍ରପଟ
- ✓ ହାତ ତିଆରି ବେଣୀଏବଂ ବସନ ସାଜସଜା
- ✓ ତୋରଣ

# ଅଧ୍ୟାୟ ୯

# ତନ୍ତୁ ଉପରେ ବସ୍ତୁ ଏବଂ ସେବା ଟିକସ

ତା ୦୩-୬-୨୦୧୭ ରିଖରେ ଅନୁଷ୍ଠିତ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ୧୫ତମ ବୈଠକରେ ତନ୍ତୁ ମୂଲ୍ୟ ଶୃଙ୍ଖଳାର ସମସ୍ତ ବସ୍ତୁ ପାଇଁ ଉଦ୍ଦିଷ୍ଟ ଜିଏସଟି ହାରର ଢାଞ୍ଚା ଉପରେ ବିଶଦ ଆଲୋଚନା ହୋଇଥିଲା । ଜିଏସଟି ପୂର୍ବବର୍ତ୍ତୀ ଟିକସ ଭାରକୁ ଆଧାର କରି ମନୁଷ୍ୟକୃତ ତନ୍ତୁ ଓ ସୂତା ଉପରେ ପରିଷଦ ୧୮ % ଜିଏସଟି ଲାଗୁ କରିବା ପାଇଁ ସୁପାରିସ କଲେ । ପୁନଶ୍ଚ, ଜିଏସଟିର ପୂର୍ବବର୍ତ୍ତୀ କାଳରେ ମନୁଷ୍ୟ ତିଆରି କପଡା ଉପରେ କୌଣସି ଟିକସ ନ ଥିବା କଥାକୁ ବିଚାରକୁ ନେଇ (ଯଦିଓ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଏବଂ ମୂଲ୍ୟଯୁକ୍ତ କର ପାଇଁ ସନ୍ନହିତ ଟିକସ ୧୧ % ରୁ ଅଧିକ ଥିଲା), ପରିଷଦ ମନୁଷ୍ୟ ତିଆରି କପଡା ସହିତ ସମସ୍ତ କପଡା ଉପରେ ୫ % ହିସାବରେ ଜିଏସଟି ହାର ଲାଗୁ କରିବା ପାଇଁ ସୁପାରିସ କଲେ । ଏହାଦ୍ୱାରା ସୃଷ୍ଟି ହେଉଥିବା ବହୁଳ ଫେରସ୍ତକୁ ରୋକିବା ପାଇଁ ମନୁଷ୍ୟ ତିଆରି କପଡା ଉତ୍ପାଦନ ଉପରେ ଏକତ୍ରିତ ହୋଇଥିବା ନିବେଶ ଟିକସ ଜମାରାଶିର ଫେରସ୍ତକୁ ସୀମିତ କରିବା ପାଇଁ ମଧ୍ୟ ସୁପାରିସ କଲେ ।

- **ଫଳସ୍ୱରୂପ, ତନ୍ତୁ ଉପରେ ଦେୟ ଜିଏସଟି ହାରରେ ନିମ୍ନୋକ୍ତ ପରିବର୍ତ୍ତନ କରାଗଲା :**
  - ➢ ତା ୦୯-୯-୨୦୧୭ ରିଖରେ ଅନୁଷ୍ଠିତ ୨୧ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ରିହାତି ଦେବା ପାଇଁ ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଦ୍ୱାରା ପ୍ରମାଣିକରଣ ହୋଇଥିବା ବିକ୍ରୟକେନ୍ଦ୍ର ମାଧ୍ୟମରେ ବିକ୍ରି ହେଉଥିବା ଖଦି କପଡା ଜିଏସଟିରୁ ବାଦ ଦିଆଗଲା । ପୁନଶ୍ଚ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

କ୍ଷେତ୍ରରେ ବ୍ୟବହାର ହେଉଥିବାରୁ, ଶାଢୀ ଫଲ୍ସ ଉପରେ ଜିଏସଟି ହାର ୧୨ % ରୁ ୫ % କୁ କମାଇ ଦିଆଗଲା ।

- ତା ୦୬-୧୦-୨୦୧୭ ରିଖରେ ଅନୁଷ୍ଠିତ ୨୨ ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ, ସମସ୍ତ ମନୁଷ୍ୟ ତିଆରି ତନ୍ତୁ ସୂତା ଉପରେ ଜିଏସଟି ହାର ୧୮ % ରୁ ୧୨ % କୁ ହ୍ରାସ କରାଗଲା ଯେହେତୁ ଏହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର କପଡା ଉତ୍ପାଦନକାରୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ । ପୁନଶ୍ଚ, ସୁରାଟ ଜରି ଉତ୍ପାଦନକାରୀ ସଂଘର ଅନୁରୋଧକ୍ରମେ ପ୍ରକୃତ ଜରି ଉପରେ ଜିଏସଟି ହାର ୧୨ % ରୁ ୫ % କୁ ହ୍ରାସ କରାଗଲା ।
- ତା ୧୦-୧୧-୨୦୧୭ ରିଖରେ ଅନୁଷ୍ଠିତ ୨୩ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ନିମ୍ନଲିଖିତ ତନ୍ତୁଜ ଉତ୍ପାଦ ଉପରେ ଜିଏସଟି ହାର ୧୨ % ରୁ ୫ % କୁ କମାଇ ଦିଆଗଲା :-
    - ଝୋଟ ରଶି, କତା ଡୋର ବା ରଶି
    - ରଶି ବା ଡୋରରେ ବୁଣା ହୋଇ ଗଣ୍ଠି ପଡିଥିବା ମାଛଧରା ଜାଲ, ତନ୍ତୁ ଜାତୀୟ ବସ୍ତୁରୁ ଅନ୍ୟାନ୍ୟ ବୁଣା ଜାଲ
    - କତା ଉତ୍ପାଦ
    - ହେଡିଙ୍ଗ ୫୮୦୭ ବସ୍ତୁକୁ ଛାଡି ପତଳା ବୁଣା ହୋଇଥିବା କପଡା, ତାନାର ପତଳା କପଡା
    - ଜୀର୍ଣ୍ଣ ଲୁଗାପଟା ଏବଂ ଅନ୍ୟାନ୍ୟ ଜୀର୍ଣ୍ଣ ବସ୍ତୁ; ଛିଣ୍ଡା କନା
- ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ୨୮ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦର ସୁପାରିସ ଅନୁସାରେ ଭେଲ୍ଭେଟ କପଡା ଓ ହେଡିଙ୍ଗ ୫୮୦୧ ଅଧିନସ୍ଥ ଅନ୍ୟ କପଡା ଉପରେ ଜିଏସଟି ହାର ୧୨ % ରୁ ୫ % କୁ କମାଇ ଦିଆଗଲା :-

  ବର୍ତ୍ତମାନ ଜିଏସଟି ଅନ୍ତର୍ଗତ ତନ୍ତୁ ହାରର ଢାଞ୍ଚା ନିମ୍ନମତେ ଅଟେ ।

  - କପା ଏବଂ ପ୍ରକୃତିକ ତନ୍ତୁର ସମସ୍ତ ସୂତା – ୫ %
  - ମନୁଷ୍ୟ ତିଆରି ତନ୍ତୁ – ୧୮ %
  - ମନୁଷ୍ୟ ତିଆରି ତନ୍ତୁ ସୂତା – ୧୨ %
  - ସାଧାରଣ ଭାବରେ ଚାପ୍ଟର ୫୦ ରୁ ୫୫ ଏବଂ ୬୦ରେ ଥିବା କପଡା ପାଇଁ ୫ %, ଗଚ୍ଛିତ ନିବେଶ ଟିକସ ଜମାରାଶି ଫେରସ୍ତ ନ କରି

- ଅନ୍ୟ ସମସ୍ତ କପଡା (ଯେମିତିକି ଅସ୍ତ୍ର, କମ୍ବଳଏବଂ ବୁଣା ହୋଇ ନ ଥିବା; ସ୍ୱତନ୍ତ୍ର ସୂତା; ଡୋର, ରଶି ଏବଂ ମୋଟ ଦଉଡି ଏବଂ ସେଥିରୁ ପ୍ରସ୍ତୁତ ବସ୍ତୁ; ଗାଲିଚା ଏବଂ ତନ୍ତୁରୁ ପ୍ରସ୍ତୁତ ମେଜିଆ ଢାଙ୍କିବା ସାମଗ୍ରୀ; ସ୍ୱତନ୍ତ୍ର ଭାବେ ବୁଣା ହୋଇଥିବା କପଡା; ଗୁଛେଦାର ତନ୍ତ କପଡା; ଫିତା; କାରୁକାର୍ଯ୍ୟପୂର୍ଣ୍ଣ ବସ୍ତ୍ର, ସଜାବଟ ବସ୍ତ୍ର; ସୁଚିକାମ ହୋଇଥିବା କପଡା;; ମଣ୍ଡଦିଆ, ଲିପିତ, ଆଚ୍ଛାଦିତ  କିମ୍ବା ପତଳା ପଟ୍ଟୀ ଚଢା ହୋଇଥିବା ତନ୍ତୁ କପଡା; ଶିଳ୍ପ ପାଇଁ ଉପଯୁକ୍ତ ହେଉଥିବା ତନ୍ତୁଜ ବସ୍ତୁ) – ୧୨ %
- ତିଆରି ହୋଇଥିବା ପୋଷାକ ଏବଂ ତନ୍ତୁରୁ ପ୍ରସ୍ତୁତ ଜିନିଷ
  - ✓ ପ୍ରତି ହଳ/ଖଣ୍ଡର ବିକ୍ରି ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ନ ହେଲେ – ୫ %
  - ✓ ପ୍ରତି ହଳ/ଖଣ୍ଡର ବିକ୍ରି ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ହେଲେ – ୧୨ %

- **ବିପରୀତ ଶୁଳ୍କ ଢାଞ୍ଚା ଯୋଗୁ କପଡା ଉତ୍ପାଦନକାରୀମାନଙ୍କୁ ଗଚ୍ଛିତ ଜମାରାଶିର ଫେରସ୍ତ**

କପଡା ୫ % ହାରରେ ଜିଏସଟି ଆକୃଷ୍ଟ କରିଥାଏ ଏହି ସର୍ତ୍ତରେ କି ବିପରୀତ ଶୁଳ୍କ ଯୋଗୁ ଗଚ୍ଛିତ ନିବେଶ ଟିକସ ଜମାରାଶିର ଫେରସ୍ତ ମଞ୍ଜୁର ହେବ ନାହିଁ ।  କପଡା କ୍ଷେତ୍ର ସାମନା କରୁଥିବା ଏଭଳି ପରିସ୍ଥିତିର ଅସୁବିଧାକୁ ବିଚାର କରି, ବସ୍ତୁ ଓ ସେବା ଟିକସ ପରାମର୍ଶଦାତା ପରିଷଦ ତା ୨୧-୭-୨୦୧୮ ରିଖରେ ଅନୁଷ୍ଠିତ ୨୮ତମ ବୈଠକରେ ତା ୨୭-୭-୨୦୧୮ ରିଖ ପରଠାରୁ ବିପରୀତ ଶୁଳ୍କ ଯୋଗୁ କପଡା ଉତ୍ପାଦନକାରୀମାନଙ୍କୁ ଫେରସ୍ତକୁ ଅନୁମତି ଦେବା ପାଇଁ ସୁପାରିସ କଲେ ।  ଏହି ପରିପ୍ରେକ୍ଷୀରେ, ବାଣିଜ୍ୟ ଓ ଉଦ୍ୟୋଗ ପାଇଁ କପଡା ଉତ୍ପାଦନକାରୀମାନଙ୍କୁ ଫେରସ୍ତ ଉପରେ ଥିବା ପ୍ରତିବନ୍ଧକୁ ହଟାଯିବା ସମ୍ବନ୍ଧରେ ଏକ ସ୍ୱଷ୍ଟିକରଣ ପରିପତ୍ର ତା ୨୪-୮-୨୦୧୮ ରିଖର ପରିପତ୍ର ସଂଖ୍ୟା ୫୬/୩୦/୨୦୧୮-ଜିଏସଟି ମାଧମରେ ଜାରି କରାଯାଇଛି ।

# ଅଧ୍ୟାୟ ୧୦

## ବସ୍ତୁ – ହାରରେ ହ୍ରାସ

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବସ୍ତୁ ଉପରେ
## ଜିଏସଟି ହାରରେ ହୋଇଥିବା ପରିବର୍ତ୍ତନ

| କ୍ରମିକ ସଂଖ୍ୟା | ବିବରଣ | ଜିଏସଟି ହାରରେ ପରିବର୍ତ୍ତନ ପାଇଁ ହୋଇଥିବା ସୁପାରିସ/ହୋଇଥିବା ପରିବର୍ତ୍ତନ | |
|---|---|---|---|
| | | କେତେରୁ | କେତେ |
| ୨୦୧୭ ସେପ୍ଟେମ୍ବର ୯ ରେ ଅନୁଷ୍ଠିତ ୨୧ତମ ବୈଠକ | | | |
| ୧ | ରବର ବ୍ୟାଣ୍ଡ | ୨୮ % | ୧୨ % |
| ୨ | ପ୍ଲାଷ୍ଟିକ ବର୍ଷାତି | ୨୮ % | ୧୮ % |
| ୩ | କାଠ, ପଥର (ମାର୍ବଲ ଅନ୍ତର୍ଭୁକ୍ତ) ଏବଂ ଧାତବ ମୂର୍ତ୍ତି (ମୂଲ୍ୟବାନ ଧାତୁରେ ନିର୍ମିତ ମୂର୍ତ୍ତିକୁ ବାଦ ଦେଇ) | ୨୮ % | ୧୨ % |
| ୪ | ମାଟିରେ ତିଆରି ମୂର୍ତ୍ତି | ୨୮ % | ଶୂନ୍ୟ |
| ୫ | ତନ୍ତୁରେ ତିଆରି ଟୋପି | ୧୮ % | ୧୨ % |

| | | | |
|---|---|---|---|
| ୬ | ମେଜ ଓ ରୋଷେଇଘର ସରଞ୍ଜାମପତ୍ର | ୧୮ % | ୧୨ % |
| ୭ | ମେଜ ଉପରେ ରହୁଥିବା ରେକାବି, ଚାମଚ ଆଦିର ସେଟ , ରୋଷେଇଘର ସରଞ୍ଜାମ/ବାସନକୁସନ, ଅନ୍ୟ ଘରକରଣା ବସ୍ତୁ ଏବଂ ପୋର୍ସେଲିନ ଓ ଚୀନାମାଟି ବସ୍ତୁ ଛାଡି ଗାଧୁଆଘର ସାମଗ୍ରୀ (ସାବୁନ ଦାନି, ସ୍ପଞ୍ଜ ବାସ୍କେଟ, ଦାନ୍ତଘଷା ବ୍ରସ ଧାରକ, ତଉଲିଆ ହୁକ ଏବଂ ଶୌଚାଳୟ କାଗଜ ଧାରକ ଆଦି ଛୋଟମୋଟ ଗାଧୁଆଘର ଓ ପରିମଳ ସାଜସରଂଜାମ) | ୧୮ % | ୧୨ % |
| ୮ | କପାର ରେଜାଇ | ୧୮ % | -ପ୍ରତି ରେଜାଇର ମୂଲ୍ୟ ୧୦୦୦ ଟଙ୍କାରୁ ଉର୍ଦ୍ଧ ନ ଥିବା ରେଜାଇ ଗୁଡିକ ପାଇଁ, - ୫ %<br>-ପ୍ରତି ରେଜାଇର ମୂଲ୍ୟ ୧୦୦୦ ଟଙ୍କାରୁ ଉର୍ଦ୍ଧ ଥିବା ରେଜାଇ ଗୁଡିକ ପାଇଁ, - ୧୨ % |
| ୯ | ଶାଢୀ ଫଲ୍ସ | ୧୨ % | ୫ % |
| ୧୦ | ଅବର୍ଗୀକୃତ ହିରାକୁ ମିଶାଇ ବନ୍ଧୁର ଔଦ୍ୟୋଗିକ ହୀରା | ୩ % | ୦.୨୫ % |
| ୨୦୧୭ ଅକ୍ଟୋବର ୬ ରେ ଅନୁଷ୍ଠିତ ୨୨ତମ ବୈଠକ | | | |
| ୧ | ଖାକ୍ରା | ୧୨ % | ୫ % |
| ୨ | ଖୋଲା ପୃଷ୍ଠା ବାନ୍ଧିବା ବା ଫାଇଲ ପାଇଁ ସାଜସରଂଜାମ, ଚିଠି କ୍ଲିପ, ଚିଠି କର୍ନର, କାଗଜ କ୍ଲିପ, ସୂଚୀକରଣ ଟ୍ୟାଗ ଏବଂ ମୂଳ ଧାତୁର ସେହିଭଳିଆ କାର୍ଯ୍ୟାଳୟ ସାମଗ୍ରୀ, ମୂଳ ଧାତୁରୁ ତିଆରି ସ୍ଟ୍ରିପ୍ସରେ ଷ୍ଟାପଲ (ଉଦାହରଣ ସ୍ୱରୂପ, କାର୍ଯ୍ୟାଳୟ, | ୨୮ % | ୧୮ % |

| | | | |
|---|---|---|---|
| | ଅପହୋଲଷ୍ଟେରି, ପ୍ୟାକେଜିଙ୍ଗ) | | |
| ୩ | ପୋଷ୍ଟର ରଙ୍ଗ | ୨୮ % | ୧୮ % |
| ୪ | ପିଲାମାନଙ୍କ ଆମୋଦପ୍ରମୋଦ ପାଇଁ ମଡେଲିଙ୍ଗ ଅଠା | ୨୮ % | ୧୮ % |
| ୨୦୧୭ ନଭେମ୍ବର ୧୦ ରେ ଅନୁଷ୍ଠିତ ୨୩ତମ ବୈଠକ | | | |
| ୧ | ବାଣ, ସଂକେତ ପ୍ରେରଣର ଉଜ୍ଜ୍ୱଳ ଆଲୋକଶିଖା, ରେନ ରକେଟ, କୁହୁଡି ସଂକେତ ଏବଂ ଅନ୍ୟାନ୍ୟ ପଲିଟେକନିକ ସାମଗ୍ରୀ | ୨୮ % | ୧୮ % |
| ୨ | ଚମଡା, ପ୍ଲାଷ୍ଟିକ ଚାଦର, ତନ୍ତୁଜାତ, ଭଲକନାଇଜଡ ଫାଇବର, ପଟ୍ଟଲି, କିମ୍ବା ଏହି ସବୁ ଜିନିଷ ବା କାଗଜରେ ପୂରାପୂରି ବା ବିଶେଷ ଭାବରେ  ଆଚ୍ଛାଦିତ ହୋଇଥିବା ଟ୍ରଙ୍କ, ସୁଟକେଶ, ଭ୍ୟାନିଟି ବ୍ୟାଗ, କାର୍ଯ୍ୟ ନିର୍ବାହକ ବ୍ୟାଗ, ଛୋଟ ଆଟାଚି, କାନ୍ଧଝୁଲା ସ୍କୁଲ ବ୍ୟାଗ, ଚଷମା ଖୋଳ, ଦୂରବୀକ୍ଷଣ ଖୋଳ, କ୍ୟାମେରା ଖୋଳ, ବାଦ୍ୟ ଯନ୍ତ୍ରପାତି ଖୋଳ, ବନ୍ଧୁକ ଖୋଳ, ପିସ୍ତଲର ଚମଡା ଖୋଳ ବା ସେହିଭଳିଆ ଡବା; ଭ୍ରମଣ ବ୍ୟାଗ, ଖାଦ୍ୟ କିମ୍ବା ପାନୀୟ ନିମନ୍ତେ ତାପ ଅପରିବାହୀ (ଇନସୁଲେଟେଡ) ବ୍ୟାଗ,ପ୍ରସାଧନ ମୁଣି, ପିଠି ଉପରେ ରହୁଥିବା ବ୍ୟାଗ, ହାତ ବ୍ୟାଗ, କିଣାକିଣି ବ୍ୟାଗ, ବଟୁଆ, ପର୍ସ, ମାନଚିତ୍ର ଖୋଳ, ସିଗାରେଟ ଖୋଳ, ତମାଖୁର ଛୋଟ ଥଳି, ଯନ୍ତ୍ରପାତି ବ୍ୟାଗ, କ୍ରୀଡା ବ୍ୟାଗ, ବୋତଲ ଖୋଳ, ଗହଣା ବାକ୍ସ, ପାଉଡର ବାକ୍ସ, କଟଲେରୀ ବାକ୍ସ ଏବଂ ସେହିଭଳିଆ ଡବା; | ୨୮ % | ୧୮ % |
| ୩ | ଧାତୁ ଆଧାରିତ ଫାଇଲ କ୍ୟାବିନେଟ, କାର୍ଡ | ୨୮ % | ୧୮ % |

| | | | |
|---|---|---|---|
| | ସୂଚୀକରଣ କ୍ୟାବିନେଟ, କାଗଜ ଟ୍ରେ, କାର୍ଯ୍ୟାଳୟ ମୋହର ଷ୍ଟାଣ୍ଡ ଏବଂ ସେହିଭଳିଆ କାର୍ଯ୍ୟାଳୟ ଏବଂ ଡେସ୍କ ସାମଗ୍ରୀ | | |
| ୪ | ପେଷକ ହିସାବରେ ପଥର ଥାଇ ପେଷଣ ଯନ୍ତ୍ର | ୨୮ % | ୧୨ % |
| ୫ | ୫ % କିମ୍ବା ଶୂନ୍ୟ ଜିଏସଟି ଲାଗୁଥିବା ସେହିଭଳି ବସ୍ତୁକୁ ଛାଡି ସ୍ୱାଦଯୁକ୍ତ କିମ୍ବା ରଙ୍ଗେଇବା ଜିନିଷ ଥାଇ ରିଫାଇନଡ ଚିନି, ଚିନି କ୍ୟୁବ ମିଶେଇ ସମସ୍ତ ବସ୍ତୁ | ୧୮ % | ୧୨ % |
| ୬ | କପା ସୁତାର ହାତ ବ୍ୟାଗ ଏବଂ କିଣାକିଣି ବ୍ୟାଗ | ୧୮ % | ୧୨ % |
| ୭ | ଝୋଟ ତିଆରି ହାତ ବ୍ୟାଗ ଏବଂ କିଣାକିଣି ବ୍ୟାଗ | ୧୮ % | ୧୨ % |
| ୮ | ପାସ୍ତା, ରନ୍ଧା ହୋଇଥିବା କିମ୍ବା ନ ହୋଇଥିବା, ପୁର (ମାଂସ ଅନ୍ୟ ଜିନିଷ) ଦିଆ ହୋଇଥିବା ବା ନ ଦିଆ ହୋଇଥିବା ବା ଅନ୍ୟ ପ୍ରକାର ପ୍ରସ୍ତୁତ ହୋଇଥିବା, ଯେମିତିକି ସ୍ପଘେଟି, ମାକରୋନି, ନୁଡୁଲସ, ଲସାଗ୍ନେ, ନୋଚଚି, ରାବିଓଲି, କାନେଲ୍ଲୋନୀ; ଖଉସଖଉସ | ୧୮ % | ୧୨ % |
| ୯ | ତରକାରୀ ପେ,, ମାୟୋନେଜ ଏବଂ ସାଲାଡ ଡ୍ରେସିଂ ଏବଂ ମିଶା, ମସଲା ଏବଂ ମିଶ୍ରିତ ସିଜନିଂ | ୧୮ % | ୧୨ % |
| ୧୦ | ମୁଢି ଚିକ୍କି, ଚିକ୍କି, ଚିନାବାଦାମ ଚିକ୍କି, ରାଶି ଚିକ୍କି, ତିଳ ଚିକ୍କି, ତିଳ ପଟ୍ଟି, ତିଳ ରେବଡି, ଚିନି ମଖନ, ଗଜକ, ଚିନାବାଦାମ ମିଠାଇ, ଖଜା, ଖଜୁଲି, ଅନର୍ସା, ଶାକର,ଖାଦ୍ୟ ଶାକର, ହର୍ଦା, ଶାକରୀୟ, ଗଡ, କୁଲିୟା, | | |

| | | | |
|---|---|---|---|
| | ଅଳେଇଚଦାନା, ଲୁକୁମଦାନା | | |
| ୧୧ | ଚିକ୍କଣ ଚମଡା/ମିଶ୍ରିତ ଚମଡା | | |
| ୧୨ | ଇଡ଼ଲି/ଦୋସା ଆଣ | | |
| ୧୩ | ୯୦ % ରୁ ଅଧିକ ଭାଗ ଫ୍ଲାଇଆଶ ଥାଇ ଫ୍ଲାଇଆଶ ଇଟା/ ଫ୍ଲାଇଆଶ ଗୋଡି | | |
| ୧୪ | ଲାଖ/ସେଲାକରେ ନିର୍ମିତ ଚୁଡି | | |
| ୨୦୧୮ ଜାନୁଆରୀ ୧୮ରେ ଅନୁଷ୍ଠିତ ୨୫ତମ ବୈଠକ | | | |
| ୧ | ବାଉଁଶ କାଠ ନିର୍ମାଣରେ ଯୋଡାଯୋଡି | ୧୮ % | ୧୨ % |
| ୨ | ଚିନିରେ ସିଝିଥିବା ମିଷ୍ଟାନ୍ନ | ୧୮ % | ୧୨ % |
| ୩ | ତେନ୍ତୁଳୀ ମଞ୍ଜି ଗୁଣ୍ଡ | ୧୮ % | ୫ % |
| ୪ | କୋନରେ ଥିବା ମେହେନ୍ଦୀ ପେଷ୍ଟ | ୧୮ % | ୫ % |
| ୫ | କୁଟା, ଘାସ ବା ଅନ୍ୟ ଗୁଚ୍ଛ ଜିନିଷରେ ତିଆରି ସାମଗ୍ରୀ, ଟୋକେଇ ପାଛିଆ ଏବଂ ପାତିଆ କାମ | ୧୨ % | ୫ % |
| ୨୦୧୮ ଜୁଲାଇ ୨୧ରେ ଅନୁଷ୍ଠିତ ୨୮ତମ ବୈଠକ | | | |
| ୧ | ○ ପଥର/ମାର୍ବଲ/କାଠ ଠାକୁର ମୂର୍ତ୍ତି<br>○ ରାକ୍ଷୀ (ଚାପ୍ଟର ୭୧ ଅନୁସାରେ ମୂଲ୍ୟବାନ/ଅର୍ଦ୍ଧ-ମୂଲ୍ୟବାନ ପଦାର୍ଥରେ ତିଆରି ହୋଇଥିବା ରାକ୍ଷୀଗୁଡିକୁ ବାଦ ଦେଇ)<br>○ ସାନିଟାରୀ ନାପକିନ<br>○ କତା ମଜ୍ଜା ସାର<br>○ ସାଳ ପାତ୍ର, ସିଆଳି ପତ୍ର ଏବଂ ସେମାନଙ୍କ ଠାରୁ ପ୍ରସ୍ତୁତ ସାମଗ୍ରୀ ଏବଂ ସବାଇ ଘାସ ଦଉଡି<br>○ ଫୁଲ ଭରି ଝାଡୁ (ଝାଡୁ ପାଇଁ କଞ୍ଚାମାଲ)<br>○ ଖଲି ଦନା | ୧୮ %/ ୧୨ %/ ୫% | ଶୂନ୍ୟ |

| | | | |
|---|---|---|---|
| ୨ | ○ ହସ୍ତତନ୍ତ ଦରି<br>○ ଖୁଚୁରା ବିକ୍ରି ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ନ ଥିବା ବୁଣା କ୍ୟାପ/ଟୋପି | ୧୨ % | ୫ % |
| ୩ | ପିତ୍ତଳ କିରୋସିନ ପ୍ରେସର ଚୁଲା | ୧୮ % | ୧୨ % |
| ୪ | ଶକ୍ତ ଜୈବଇନ୍ଧନ  ଗୁଟି | ୧୮ % | ୫ % |
| ୫ | ପ୍ରତି ହଳର ଖୁଚୁରା ବିକ୍ରି ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ନ ଥିବା ଜୋତା ଚପଲ ପାଇଁ ୫ % ଜିଏସଟି କରାଗଲା ଏବଂ ପ୍ରତି ହଳର ଖୁଚୁରା ବିକ୍ରି ମୂଲ୍ୟ ୧୦୦୦ ଟଙ୍କାରୁ ଅଧିକ ଥିବା ଜୋତା ଚପଲ ପାଇଁ ୧୮ % ଜିଏସଟି ଚାଲୁ ରହିବ | ୧୮ % | ୫ % |
| ୨୦୧୮ ଡିସେମ୍ବର ୨୨ରେ ଅନୁଷ୍ଠିତ ୩୧ତମ ବୈଠକ | | | |
| ୧ | ରବର ଚଢା ହୋଇଥିବା କିମ୍ବା ବ୍ୟବହୃତ ହୋଇଥିବା ପବନ ପଶୁଥିବା ରବର ଟାୟାର | ୨୮ % | ୧୮ % |
| ୨ | ○ ପ୍ରାୟ ବର୍ଗାକାର କିମ୍ବା ଡି-ବ୍ୟାଗଡ କର୍କ<br>○ ପ୍ରାକୃତିକ କର୍କର ସାମଗ୍ରୀ<br>○ ପିଣ୍ଡିକୃତ ହୋଇଥିବା କର୍କ | ୧୮ % | ୧୨ % |
| ୩ | ○ ପ୍ରାକୃତିକ କର୍କ<br>○ ଚାଲିବା ପାଇଁ ବ୍ୟବହୃତ ହେଉଥିବା ବାଡି | ୧୨ % | ୫ % |

# ଅଧ୍ୟାୟ ୧୧

## ସେବା – ହାରରେ ହ୍ରାସ

### ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସେବା କ୍ଷେତ୍ରର ହିତାର୍ଥେ ନିଆଯାଇଥିବା ପଦକ୍ଷେପ

ଅନେକ ଠିକା କାମ ସେବା, ନିର୍ଦ୍ଦିଷ୍ଟ ଭାବରେ କପଡା, ଚମଡା, ଖାଦ୍ୟ ପ୍ରଶଂସୀକରଣ, ଛାପାକାମ, ଅଳଙ୍କାର ଏବଂ ହୀରା, ହସ୍ତଶିଳ୍ପ ସାମଗ୍ରୀ ଉପରେ ଜିଏସଟି ହାର ୧୮ % ରୁ ୫ %କୁ ହ୍ରାସ କରାଯାଇଛି ।

- ରାସ୍ତା, ପୋଲ, କେନାଲ, ନଦୀ ବନ୍ଧ, ବାଣିଜିକ କିମ୍ବା ଔଦ୍ୟୋଗିକ ବ୍ୟବହାରକୁ ବାଦ ଦେଇ ସିଭିଲ ନିର୍ମାଣ ଯେମିତିକି କାର୍ଯ୍ୟାଳୟ, ବିଦ୍ୟାଳୟ, ଡାକ୍ତରଖାନା ନିର୍ମାଣ ପାଇଁ ସରକାରୀ ଠିକା ଉପରେ ଜିଏସଟି ହାର ୧୮ % ରୁ ୧୨ % କୁ ହ୍ରାସ କରାଯାଇଛି । ଏଭଳି ଠିକା କାମ କରୁଥିବା ଉପ-ଠିକାଦାରଙ୍କ ପାଇଁ ମଧ୍ୟ ଏହି ସୁବିଧା ସଂପ୍ରସାରଣ କରାଯାଇଛି ।
- ତା ୦୧-୪-୨୦୧୯ ରିଖଠାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଗରିବମାନଙ୍କ ପାଇଁ ବାସଗୃହ ନିର୍ମାଣ ଉପରେ ଜିଏସଟି ହାର ୮ % ରୁ ୧ %କୁ ହ୍ରାସ କରାଯାଇଛି ।
- ରେଷ୍ଟୁରାଣ୍ଟଗୁଡିକ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଉପରେ ଜିଏସଟି ହାର ୧୮ % ରୁ ୫ %କୁ ହ୍ରାସ କରାଯାଇଛି (ପ୍ରତି ଇଉନିଟ ପିଛା ଦୈନିକ ୭୫୦୦ ଟଙ୍କା ବା ତଦୁର୍ଦ୍ଧ ଭଡା ପାଉଥିବା ହୋଟେଲ ରେଷ୍ଟୁରାଣ୍ଟଗୁଡିକୁ ଛାଡି) ।

- ଦୈନିକ ୧୦୦୦ ଟଙ୍କାରୁ କମ ଭଡା ଥିବା ହୋଟେଲ ରହଣିକୁ ବାଦ ଦିଆଯାଇଛି ଏବଂ ଯେଉଁଗୁଡିକର ଦୈନିକ ଭଡା ୨୫୦୦ ଟଙ୍କା ପର୍ଯ୍ୟନ୍ତ ଅଛି, ସେମାନଙ୍କ ପାଇଁ କମତି ହାର ୧୨ % ହିସାବରେ ଲାଗୁ ହୁଏ । ଏହି ଉଭୟ ପ୍ରକାରର ରହଣି ସାଧାରଣତଃ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦ୍ୱାରା ଯୋଗାଇ ଦିଆଯାଇଥାଏ ।
- ଦୁଇଟି ମୁଖ୍ୟ ସେବା ଯଥା, ନୈଦାନିକ ଅନୁଷ୍ଠାନଗୁଡିକ ଦ୍ୱାରା ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ଏବଂ ଶୈକ୍ଷିକ ଅନୁଷ୍ଠାନଗୁଡିକ ଦ୍ୱାରା ଯୋଗାଇ ଦିଆଯାଉଥିବା ଶିକ୍ଷା ସମ୍ବନ୍ଧୀୟ ସେବା, ଯେଉଁ ବ୍ୟବସାୟରେ ଅଧିକାଂଶ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଶ୍ଳିଷ୍ଟ ଅଛନ୍ତି, ପାଇଁ ଛାଡ ଚାଲୁ ରହିବ ।
- ଯେଉଁ ସେବା ଯୋଗାଣକାରୀମାନଙ୍କର ବାର୍ଷିକ ମୋଟ ବିକ୍ରି ୨୦ ଲକ୍ଷ ଟଙ୍କାରୁ କମ (ଜମ୍ମୁ ଓ କାଶ୍ମୀରକୁ ବାଦ ଦେଇ ସ୍ୱତନ୍ତ୍ର ପାହ୍ୟା ରାଜ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା), ସେମାନଙ୍କୁ ପଞ୍ଜୀକରଣ ନେବାରୁ ଛାଡ କରାଯାଇଛି, ଯଦି ବି ସେମାନେ ଟିକସଯୋଗ୍ୟ ସେବାର ଆନ୍ତଃ ରାଜ୍ୟ ଯୋଗାଣ କରୁଛନ୍ତି । ଆଶା କରାଯାଏ, ଏହି ପଦକ୍ଷେପ ଛୋଟ ସେବା ଯୋଗାଣକାରୀମାନଙ୍କର ଅନୁପାଳନ ଖର୍ଚ୍ଚ ବହୁଳମାତ୍ରାରେ କମ କରିବ । ସାମଗ୍ରୀ ପରିବହନ ପ୍ରତିନିଧିମାନଙ୍କର ସେବାଗୁଡିକ, ଯାହା ମୁଖ୍ୟତଃ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଥାଏ, ସେଗୁଡିକୁ ଆରସିଏମ ଅଧୀନରେ ରଖାଯାଇଛି, ଯ ଦ୍ୱାରା ଅନୁପାଳନ ଭାର ସେବା ଗ୍ରହିତାଙ୍କ ଉପରକୁ ଘୁଞ୍ଚା ଯାଇପାରିବ । ଅଗ୍ରଗାମୀ ଚାର୍ଜ ଅଧୀନରେ ପୁରା ନିବେଶ ଟିକସ ଜମାରାଶି ସହ ୧୨ % ହାରରେ ଜିଏସଟି ଦେବା ପାଇଁ ସାମଗ୍ରୀ ପରିବହନ ପ୍ରତିନିଧିମାନଙ୍କୁ ମଧ୍ୟ ବିକଳ୍ପ ଦିଆ ଯାଇଛି ।
- ବୀମା ପ୍ରତିନିଧି, ଅସୁଲ ପ୍ରତିନିଧି କିମ୍ବା ବ୍ୟକ୍ତିଗତ ପ୍ରତ୍ୟକ୍ଷ ବିକ୍ରି ପ୍ରତିନିଧିମାନଙ୍କ ଦ୍ୱାରା ଯୋଗଯାଉଥିବା ସେବାଗୁଡିକୁ ଆରସିଏମ ଅଧୀନରେ ରଖାଯାଇଛି, ଯ ଦ୍ୱାରା ଅନୁପାଳନ ଭାର ସେବା ଗ୍ରହିତାଙ୍କ ଉପରକୁ ଘୁଞ୍ଚା ଯାଇପାରିବ ।
- ଟ୍ରେନ ଭିତରେ ହେଉ କିମ୍ବା ପ୍ଲାଟଫର୍ମରେ ହେଉ, ଭାରତୀୟ ରେଳବାଇ କିମ୍ବା ଭାରତୀୟ ରେଳବାଇ ଖାନପାନ ଏବଂ ପର୍ଯ୍ୟଟନ ନିଗମ ଲିମିଟେଡ ଦ୍ୱାରା ହେଉଥିବା ଖାଦ୍ୟ ବା ମନୁଷ୍ୟ ଖାଇବା ପାଇଁ ଅନ୍ୟ କୌଣସି ସାମଗ୍ରୀ ବା କୌଣସି ପାନୀୟର ଯୋଗାଣ ଉପରେ ଜିଏସଟି ହାର ୫ % କୁ କମାଇ ଦିଆଯାଇଛି ।
- ବ୍ୟବସାୟ ସଂବାଦଦାତାଙ୍କ ପ୍ରତିନିଧି, , ବ୍ୟବସାୟ ସହାୟକଙ୍କ ଦ୍ୱାରା ଯୋଗାଯାଇଥିବା ସେବା ଯୋଗାଣ, ଜଣେ ବ୍ୟକ୍ତି (କମ୍ପାନୀ ନୁହେଁ) ଦ୍ୱାରା କୌଣସି ଜଣେ ପଞ୍ଜୀକୃତ ବ୍ୟକ୍ତିଙ୍କୁ ସୁରକ୍ଷା କର୍ମଚାରୀ

ଯୋଗାଣ ସେବାକୁ ଆରସିଏମ ଅଧୀନରେ ରଖାଯାଇଛି, ଯ ଦ୍ୱାରା ଅନୁପାଳନ ଭାର ସେବା ଗ୍ରହିତାଙ୍କ ଉପରକୁ ଘୁଞ୍ଚା ଯାଇପାରିବ ।

- ମାଲ ପରିବହନକାରୀ ଯାନ ପାଇଁ ତୃତୀୟ ପକ୍ଷ ବୀମା ପ୍ରିମିୟମ ଉପରେ ଜିଏସଟି ହାର ୧୮ % ରୁ ୧୨ %କୁ ହ୍ରାସ କରି ଦିଆ ଯାଇଛି ।
- କେବଳ ଇ-ବହି ଥିବା ଯୋଗାଣ ଉପରେ ଜିଏସଟି ହାର ୫ %କୁ ହ୍ରାସ କରି ଦିଆ ଯାଇଛି ।
- ପୁନଶ୍ଚ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଅଭିବୃଦ୍ଧିରେ ସାହାଯ୍ୟ କରିବା ପାଇଁ ତା ୦୧-୪-୨୦୧୯ ରିଖଠାରୁ ସେବା ଯୋଗାଣକାରୀମାନଙ୍କ ପାଇଁ ମିଶ୍ର ଯୋଜନା ଲାଗୁ କରାଯାଇଛି । ପୂର୍ବବର୍ତ୍ତୀ ବର୍ଷର ବାର୍ଷିକ ବିକ୍ରି ୫୦ ଲକ୍ଷ ଟଙ୍କା ଥିବା ପର୍ଯ୍ୟନ୍ତ ପଞ୍ଜୀକୃତ ବ୍ୟକ୍ତି ଏହି ଯୋଜନାର ଲାଭ ନେଇ ପାରିବେ । ନୂଆ ମିଶ୍ର ଯୋଜନା ଚୟନ କରିଥିବା ସେବା ଯୋଗାଣକାରୀ ବର୍ତ୍ତମାନ ୬ % ହାରରେ ଜିଏସଟି ଦେଇପାରିବେ ଏବଂ ସେମାନେ ନିବେଶ ଟିକସ ଜମାରାଶିର କୌଣସି ଲାଭ ନେବା ପାଇଁ ଯୋଗ୍ୟ ହେବେ ନାହିଁ ।